# ଶ୍ରୀକ୍ଷେତ୍ର ସିଟି

୨୪/୬/୨୦୨୪ (ସୋମବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୧,୦୭,୬୫୮/- ସୁନା: ୦୦.୦୦୦ ଗ୍ରାମ୍ ରୁପା: ୧୦.୦୦୦ ଗ୍ରାମ୍



# ଘୋଷଯାତ୍ରା ଦିନ ଶରଧାବାଲିରେ ପହଞ୍ଚି ନ ପାରେ ରଥ !



## ଅପରାହ୍ନ ୫ଟାରେ ଟଣାଯିବ ରଥ

ପୁରୀ, ୨୪।୬(ସମିସ)

ଏ ବର୍ଷ ରଥଯାତ୍ରା ଦିନ ଗୁଣ୍ଡିଚା ମନ୍ଦିର ସମ୍ମୁଖ ଶରଧାବାଲିରେ ପହଞ୍ଚି ନ ପାରେ ଗୋଟିଏ ବି ରଥ। ସୋମବାର ନୀତି ସବ୍ କମିଟି ଏବଂ ଛତିଶା ନିଯୋଗ ବୈଠକରେ ରଥଯାତ୍ରାର ଯେଉଁ ନୀତି ନିର୍ଘଣ୍ଟ କରାଯାଇଛି ସେଥିରୁ ଏହା ସ୍ପଷ୍ଟ ହେଉଛି। କାରଣ ଏ ବର୍ଷ ରଥଯାତ୍ରା ତିଥିରେ ବ୍ୟତିକ୍ରମ ରହିଥିବାରୁ ଏଭଳି ନୀତି ନିର୍ଘଣ୍ଟ ହୋଇଛି। ତେଣୁ ଜୁଲାଇ ୭ ଭଳି ୮ ତାରିଖରେ ମଧ୍ୟ ରଥଯାତ୍ରାର ଅନୁଭୂତି ପାଇବେ ଶ୍ରଦ୍ଧାଳୁ।

ଜୁଲାଇ ୭ରେ ରଥଯାତ୍ରା। ହେଲେ ଚଳିତ ବର୍ଷ ଗୋଟିଏ ଦିନରେ ପଡ଼ିଛି ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା। କେବଳ ରଥଯାତ୍ରା ନୁହେଁ; ୫୩ ବର୍ଷ ପରେ ଏ ବର୍ଷ ଅଣସର ମଧ୍ୟ ୧୩ ଦିନିଆ ପକ୍ଷ ପଡ଼ିଛି। ଏମିତି ତିଥି ଶେଷଥର ୧୯୭୧ ମସିହାରେ ପଡ଼ିଥିଲା। ସେତେବେଳେ ଯେଉଁଭଳି ଭାବେ ନୀତିକାନ୍ତି କରାଯାଇଥିଲା ଏଥର ମଧ୍ୟ ସେହିଭଳି ହେବ ବୋଲି ବୈଠକରେ ଚୂଡ଼ାନ୍ତ ହୋଇଛି। ତେଣୁ ଚଳିତ ବର୍ଷ ଶ୍ରୀଗୁଣ୍ଡିଚା ଦିନ ରଥଟଣା ବିଳମ୍ବ ହେବ।

ଏଣୁ ସନ୍ଧ୍ୟା ପୂର୍ବରୁ ପରମ୍ପରା ଅନୁଯାୟୀ, କେବଳ ମହାପ୍ରଭୁ ବଳଭଦ୍ରଙ୍କ ତାଳଧ୍ୱଜ ରଥ ଅଳ୍ପ କିଛି ବାଟ ଟଣାଯାଇ ପରଦିନ ତିନିରଥ ଟଣାଯାଇ ଗୁଣ୍ଡିଚା ମନ୍ଦିରକୁ ନିଆଯିବ ବୋଲି ଚର୍ଚ୍ଚା ହେଉଛି। ଏ ସମ୍ପର୍କରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ଦୁର୍ଗା ଦାସ ମହାପାତ୍ର କହିଛନ୍ତି, ସମାନ ତିଥି ୧୯୭୧ ମସିହାରେ ପଡ଼ିଥିଲା। ସେ ବର୍ଷ ଅଣସର ୧୩ ଦିନିଆ ପକ୍ଷ ଏବଂ ଗୋଟିଏ ଦିନରେ ନେତ୍ରୋତ୍ସବ, ନବ ଯୌବନ ଦର୍ଶନ ଓ ଶ୍ରୀଗୁଣ୍ଡିଚା ଯାତ୍ରା ପଡ଼ିଥିଲା। ତେଣୁ ଚଳିତବର୍ଷ ମଧ୍ୟ ୧୯୭୧ ମସିହା ନୀତିକାନ୍ତି ଅନୁଯାୟୀ ରଥଯାତ୍ରା ସମ୍ପନ୍ନ ହେବ ବୋଲି ନିଷ୍ପତ୍ତି ହୋଇଛି। ତେଣୁ ୧୯୭୧ ମସିହା ରେକର୍ଡ ଅନୁଯାୟୀ, ଯେହେତୁ ଚତୁର୍ଦ୍ଧାବିଗ୍ରହ ଅଣସରରେ ଥିବେ ତେଣୁ ଜୁଲାଇ ୬ ତାରିଖ ସକାଳ ଧୂପରେ ପଟିଦିଅଁଙ୍କଠାରୁ ରଥ ଆଜ୍ଞାମାଳ ଆସି ରଥଖଳାରେ ବିଜେ ହେବ। ଏହାପରେ ତିନିରଥକୁ ସିଂହଦ୍ୱାର ସମ୍ମୁଖକୁ ନିଆଯିବ। ଜୁଲାଇ ୭ ତାରିଖ ଅପରାହ୍ନ ୫ଟାରେ ରଥଟଣା ଯିବାକୁ ସମୟ ନିର୍ଘଣ୍ଟ ହୋଇଛି। ଯେ ହେତୁ ଅପରାହ୍ନ ୫ଟାରେ ରଥ ଟଣାଯିବ ତେଣୁ କୌଣସି ରଥ ସେହିଦିନ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ପାରିବ ନାହିଁ ବୋଲି କୁହାଯାଉଛି। ପୂର୍ବରୁ ସନ୍ଧ୍ୟା ହୋଇଗଲେ ରଥଟଣା ବନ୍ଦ ରହୁଥିଲା। ହେଲେ ସେମିତି କିଛି ନିର୍ଦ୍ଦିଷ୍ଟ ନିୟମ ବା ବିଧି ନ ଥିବାରୁ କିଛିବର୍ଷ ହେବ ଲାଇଟ୍ ଲଗାଯାଇ ରଥଟଣା ଯିବାର ନଜିର ରହିଛି। ତେଣୁ ଏ ବର୍ଷ ଲାଇଟ୍ ଲଗାଯାଇ ରଥ ଟଣାଯିବ। କିନ୍ତୁ କେତେବାଟ ଟଣାଯିବ ତାହା ସ୍ଥିର ହୋଇ ନ ଥିବାବେଳେ ସବୁ ମହାପ୍ରଭୁଙ୍କ ଇଚ୍ଛା। ଜଗନ୍ନାଥ ମହାପ୍ରଭୁ ଯେତେ ସମୟ ପର୍ଯ୍ୟନ୍ତ ଇଚ୍ଛା କରିବେ ସେ ପର୍ଯ୍ୟନ୍ତ ରଥଟଣା ଯିବ ବୋଲି କହିଛନ୍ତି ସେବାୟତ ଗୌରହରି ପ୍ରଧାନ। ହେଲେ ଗୁଣ୍ଡିଚା ଯାତ୍ରା ଦିନ ଗୋଟିଏ ବି ରଥ ଶରଧାବାଲିରେ ଲାଗିବା ସମ୍ଭାବନା ପ୍ରାୟ ନାହିଁ ବୋଲି ସେ ମତ ଦେଇଛନ୍ତି।

ଯଦି ଏପରି ହୁଏ ତେବେ ଜୁଲାଇ ୮ ତାରିଖରେ ବଡ଼ଦାଣ୍ଡରେ ରଥଯାତ୍ରାର ଅନୁଭୂତି ସାଉଣ୍ଟିବେ ଶ୍ରଦ୍ଧାଳୁ। ବିଗତ ବର୍ଷ ଗୁଡ଼ିକରେ ରଥଯାତ୍ରା ପରଦିନ ଗୋଟିଏ କିମ୍ବା ଦୁଇଟି ରଥ ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ପହଞ୍ଚି ନ ଥିଲେ ମଧ୍ୟ ତାହା ପାଖାପାଖି ଥାଏ। ରଥଯାତ୍ରା ପରଦିନ ଘଣ୍ଟାଏ କିମ୍ବା ଦୁଇଘଣ୍ଟା ରଥ ଟାଣିଲେ ତାହା ଶରଧାବାଲିରେ ପହଞ୍ଚି ଯାଏ। ହେଲେ ଏଥର ସ୍ଥିତି ଭିନ୍ନ ରହିବ ବୋଲି ଅନୁମାନ କରାଯାଉଛି। ସୂଚନାଥାଉ କି, ୧୯୭୧ ମସିହା ଜୁନ୍ ୨୨ ତାରିଖରେ ଥିଲା ରଥଯାତ୍ରା। ଏହାର ପୂର୍ବଦିନ ଅର୍ଥାତ୍ ଜୁନ୍ ୨୧ ତାରିଖରେ ସକାଳଧୂପ ସରିବା ପରେ ପଟିଦିଅଁଙ୍କଠାରୁ ପୂଜାପଣ୍ଡା ସେବକମାନଙ୍କ ଦ୍ୱାରା ରଥ ଆଜ୍ଞାମାଳ ଯାଇଥିଲା। ଏହାପରେ ରଥଖଳାରୁ ତିନିରଥକୁ ଶ୍ରୀମନ୍ଦିର ସିଂହଦ୍ୱାରକୁ ଅଣାଯାଇଥିଲା। ବିଶେଷ ପରିସ୍ଥିତି ଯୋଗୁ ବାହୁଟି କଣ୍ଟ ଓ କୁସୁମୀ ଲାଗି ଅଣସର ଭିତରେ କରାଯାଇଥିଲା। ସେହିବର୍ଷ ଅପରାହ୍ନ ସାଢେ ୨ଟାରେ ରଥଯାତ୍ରାର ପହଣ୍ଡି ଆରମ୍ଭ ହୋଇଥିଲା। ଅପରାହ୍ନ ୫ଟା ପରେ ପହଣ୍ଡି ଶେଷ ହୋଇଥିଲା। ଏହାପରେ ଗଜପତି ମହାରାଜାଙ୍କ ଦ୍ୱାରା ଛେରାପହଁରା ସରିବା ପରେ ଚାରମାଳ ଖୋଲାଯାଇଥିଲା। ରଥଟଣା ଆରମ୍ଭ ବେଳକୁ ସନ୍ଧ୍ୟା ପ୍ରାୟ ୭ଟା ବାଜିଥିଲା। କେବଳ ପ୍ରତୀକାତ୍ମକ ବା ବିଧି ରକ୍ଷା ଲାଗି ରଥ ଟଣାଯାଇ ତା' ପରଦିନ ତିନିରଥ ଟଣାଯାଇଥିଲା।

### ବିକ୍ରି ହେବ ୧୦ ହଜାର ପହଣ୍ଡି ଦର୍ଶନ ଟିକଟ

**ଟିକଟ ମୂଲ୍ୟ ୧୫୦ ଟଙ୍କା**

ଆସନ୍ତା ଜୁଲାଇ ୭ ତାରିଖ ରଥଯାତ୍ରା ଏବଂ ୧୫ ତାରିଖ ବାହୁଡ଼ା ଯାତ୍ରା। ତେବେ ଅନେକ ଶ୍ରଦ୍ଧାଳୁ ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ପହଣ୍ଡି ଦର୍ଶନ ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ଏହାକୁ ନଜରରେ ରଖି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପହଣ୍ଡି ଦର୍ଶନ ଟିକେଟ ବିକ୍ରି କରାଯାଇଥାଏ। ଚଳିତବର୍ଷ ମୋଟ ୧୦ ହଜାର ପହଣ୍ଡି ଦର୍ଶନ ଟିକେଟ ବିକ୍ରି କରାଯିବ ବୋଲି ସ୍ଥିର ହୋଇଛି। କିନ୍ତୁ ସୁରକ୍ଷା ଦୃଷ୍ଟିକୋଣରୁ ପୁଲିସ ପ୍ରଶାସନ ସଂଖ୍ୟାରେ ପରିବର୍ତ୍ତନ କରିପାରେ। ସର୍ବସାଧାରଣଙ୍କ ପାଇଁ ବଡ଼ଦାଣ୍ଡସ୍ଥିତ ନୀଳାଦ୍ରି ଭକ୍ତ ନିବାସରେ ଗୁଣ୍ଡିଚା ଯାତ୍ରା ଏବଂ ବାହୁଡ଼ା ଯାତ୍ରା ପହଣ୍ଡି ଦର୍ଶନ ଟିକେଟ ବିକ୍ରି କରାଯିବ।

## ରଥଯାତ୍ରା ପାଇଁ ବରିଷ୍ଠ ପୁଲିସ ଅଧିକାରୀଙ୍କ ବୈଠକ

# ଭକ୍ତଙ୍କ ସୁରକ୍ଷା ଓ ଟ୍ରାଫିକ୍ ପରିଚାଳନାକୁ ଗୁରୁତ୍ୱ



ପୁରୀ, ୨୪।୬(ସମିସ)

ପାଖେଇ ଆସିଲା ରଥଯାତ୍ରା। ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି। ରଥଯାତ୍ରାରେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସମାଗମ ହେବା ସମ୍ଭାବନା ରହିଛି। ତେଣୁ ଶାନ୍ତିଶୃଙ୍ଖଳା ରକ୍ଷା, ଭକ୍ତଙ୍କ ସୁରକ୍ଷା ଏବଂ ଟ୍ରାଫିକ ପରିଚାଳନା ପାଇଁ ମଙ୍ଗଳବାର ପୁଲିସ ମୁଖ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ପି ପିନାକ ମିଶ୍ର ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲାର ବରିଷ୍ଠ ପୁଲିସ ଅଧିକାରୀ ଯୋଗଦେଇଥିଲେ। ବିଶେଷକରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଏବଂ ସେବାକୁ ଗୁରୁତ୍ୱ ଦେବା ଉପରେ ଆଲୋଚନା ହୋଇଛି। ଶ୍ରଦ୍ଧାଳୁଙ୍କୁ ସୁରକ୍ଷା ସହିତ ସମାନ ଭାବେ ଉତ୍ତମ ସେବା ଯୋଗାଇଦେବା। ସମସ୍ତେ ଯେପରି ଶ୍ରୀକ୍ଷେତ୍ର ମାଟିରୁ ଭଲ ଅନୁଭୂତି ନେଇ ଫେରିବେ ତାହାକୁ ଗୁରୁତ୍ୱାରୋପ କରିଛନ୍ତି ଏସ୍‌ପି। ସେହିପରି ଶ୍ରୀମନ୍ଦିର ଏବଂ ଗୁଣ୍ଡିଚା ମନ୍ଦିର ଭିତର ଓ ବାହାର ସୁରକ୍ଷା ବ୍ୟବସ୍ଥା, ତିନିରଥର ଇନର ଓ ଆଉଟ୍‌ଡୋର କର୍ଡନ, ଜନଗହଳି ନିୟନ୍ତ୍ରଣ, ରଥଟଣା, ଭିଭିଆଇପିଙ୍କ ସୁରକ୍ଷା ଏବଂ ଦର୍ଶନ ସମ୍ପର୍କରେ ଆଲୋଚନା କରାଯାଇଛି।

ଏସ୍‌ପି ଶ୍ରୀ ମିଶ୍ର କହିଛନ୍ତି, ରଥଯାତ୍ରା କିପରି ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେବ ସେଥିଲାଗି ବରିଷ୍ଠ ପୁଲିସ ଅଧିକାରୀଙ୍କୁ ନେଇ ବୈଠକ ଅନୁଷ୍ଠିତ ହୋଇଛି। ରଥଯାତ୍ରା ପାଇଁ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଲକ୍ଷ ଲକ୍ଷ ସଂଖ୍ୟାରେ ଭକ୍ତଙ୍କ ସମାଗମ ହେବ। ତେଣୁ ସମସ୍ତେ କିପରି ଶୃଙ୍ଖଳିତ ଏବଂ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ସେଥିଲାଗି ପର୍ଯ୍ୟାପ୍ତ ପରିମାଣରେ ପୁଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଟ୍ରାଫିକ ସୁପରିଚାଳନା, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଏବଂ ରଥଟଣାରେ ଯେପରି କୌଣସି ଅସୁବିଧା ନ ହେବ ସେଥିପାଇଁ ପୁଲିସ ପକ୍ଷରୁ ସମ୍ପୂର୍ଣ୍ଣ ବ୍ୟବସ୍ଥା ଗ୍ରହଣ କରାଯାଇଛି ବୋଲି ଏସ୍‌ପି କହିଛନ୍ତି।




# 'ବନ୍ଦେ ଉତ୍କଳ ଜନନୀ' ଗାନ ପାଇଁ ସ୍ୱତନ୍ତ୍ର ମାର୍ଗଦର୍ଶିକା ଦାବି

## ମୁଖ୍ୟମନ୍ତ୍ରୀଙ୍କୁ ପତ୍ର ଲେଖିଲା କୋଣାର୍କ ସାହିତ୍ୟ ସଂସଦ

କୋଣାର୍କ, ୨୪।୬(ସମିସ)

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ପ୍ରତିଟି ଓଡ଼ିଆଙ୍କ ମନରେ ମାତୃଭୂମି ଓ ମାତୃଭାଷା ପ୍ରୀତିର ଉଦ୍ରେକ କରିବା ସହିତ ଓଡ଼ିଆ ସ୍ୱାଭିମାନକୁ ଜାଗ୍ରତ କରିଥାଏ। ବଳିଷ୍ଠ ଶବ୍ଦ ବିନ୍ୟାସ ଓ ସାଙ୍ଗୀତିକତା ପାଇଁ କାନ୍ତକବିଙ୍କ ଏହି ରଚନା ଅତ୍ୟନ୍ତ ଲୋକପ୍ରିୟ। ଏହାର ଗୁରୁତ୍ୱକୁ ଉପଲବ୍ଧି କରି ବିଧାନସଭାରେ ଏହାର ସମୂହଗାନ ସମୟରେ ବିଧାନସଭାର ସଦସ୍ୟମାନେ ଦଣ୍ଡାୟମାନ ହୋଇ ସମ୍ମାନ ପ୍ରଦର୍ଶନ କରିଥାଆନ୍ତି। ପ୍ରତି ଶନିବାର ଓଡ଼ିଶାର ସମସ୍ତ ବିଦ୍ୟାଳୟରେ ପ୍ରାର୍ଥନା ସଭାରେ ବନ୍ଦେ ଉତ୍କଳ ଜନନୀ ଗାନ ନିମନ୍ତେ ସରକାରଙ୍କ ନିର୍ଦ୍ଦେଶନାମା ମଧ୍ୟ କାର୍ଯ୍ୟକାରୀ ହୋଇଆସୁଛି। ମାତ୍ର ଦୁଃଖ ତଥା ପରିତାପର ବିଷୟ ଏହି ଯେ, ରାଜ୍ୟ ସଙ୍ଗୀତର ମାନ୍ୟତାପ୍ରାପ୍ତ ଏହି ଗୀତର ଗାନ ନିମନ୍ତେ ସରକାରଙ୍କ ପକ୍ଷରୁ ଏଯାବତ୍ କୌଣସି ମାନକ ସ୍ୱର, ସମୟ ଓ ନିର୍ଦ୍ଦିଷ୍ଟ ମାର୍ଗଦର୍ଶିକା ନିର୍ଦ୍ଧାରଣ କରାଯାଇ ନାହିଁ। ଫଳତଃ ନିଜ ନିଜ ସଚେତନ ଥିବା ବର୍ତ୍ତମାନର ସରକାର ଏକ ଉଚ୍ଚସ୍ତରୀୟ କମିଟି ଗଠନ କରି ଏକ ସ୍ୱତନ୍ତ୍ର ମାର୍ଗଦର୍ଶିକା ପ୍ରଣୟନ ନିମନ୍ତେ କୋଣାର୍କ ସାହିତ୍ୟ ସଂସଦ ପକ୍ଷରୁ ଦାବି ଉପସ୍ଥାପନ କରାଯାଇଛି। କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ମୂଳ ଲେଖାକୁ ଅକ୍ଷୁର୍ଣ୍ଣ ରଖି ଏକ ନିର୍ଦ୍ଦିଷ୍ଟ ସମୟ ଓ ସ୍ୱରରେ ଏହି ସଙ୍ଗୀତର ଗାନ କରିବା ନିମନ୍ତେ ସମୟୋଚିତ ପଦକ୍ଷେପ ନେବାପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପତ୍ରଲେଖି କୋଣାର୍କ ସାହିତ୍ୟ ସଂସଦ ସଭାପତି ତ୍ରିବିକ୍ରମ ରାମକୃଷ୍ଣ ମହାପାତ୍ର ଓ ସମ୍ପାଦକ ରବୀନ୍ଦ୍ରନାଥ ବାହିନୀପତି ନିବେଦନ କରିଛନ୍ତି। ଏହି ପତ୍ରର ନକଲ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ କୋଣାର୍କରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ଅବସରରେ ପ୍ରଦାନ କରାଯିବା ସହିତ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବିଭାଗୀୟ ସଚିବଙ୍କ ଅବଗତି ନିମନ୍ତେ ଡାକଯୋଗେ ପ୍ରେରଣ କରାଯାଇଥିବା କୋଣାର୍କ ସାହିତ୍ୟ ସଂସଦର ସମ୍ପାଦକ ଶ୍ରୀ ବାହିନୀପତି ପ୍ରକାଶ କରିଛନ୍ତି।

# ପୁରୀ ଜିଲ୍ଲାର ଏ-୧ ଛାତ୍ରଛାତ୍ରୀ ହେବେ ସମ୍ମାନିତ



**ପୁରୀ, ୨୪।୬(ସମିସ):** ପୁରୀ ଜିଲ୍ଲା ସ୍କୁଲଠାରେ ସୋମବାର ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଅଭିଜ୍ଞ ଶିକ୍ଷକ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ, ମଣ୍ଡଳ ଶିକ୍ଷାଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲ୍ଲାର ପ୍ରତ୍ୟେକ ଉଚ୍ଚ ବିଦ୍ୟାଳୟରେ ଏନ୍‌ରୋଲମେଣ୍ଟ କରିଥିବା ଛାତ୍ରଛାତ୍ରୀ କିପରି ପରୀକ୍ଷାରେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହେବେ ଓ ଏନ୍‌ରୋଲମେଣ୍ଟର ୧୦ ପ୍ରତିଶତ ଏ-୧ ପାଇବେ ସେଥିପାଇଁ ପଦକ୍ଷେପ ଗ୍ରହଣ କରାଯାଇ ଚୂଡାନ୍ତ ନିଷ୍ପତ୍ତି ନିଆଯାଇଛି। ଏହା ପୂର୍ବରୁ ଏଥିପାଇଁ ୩ଟି ପ୍ରସ୍ତୁତି ବୈଠକ ସରିଛି। ସେଥିରେ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇ ବ୍ଲୁ ପ୍ରିଣ୍ଟ ମଧ୍ୟ ପ୍ରସ୍ତୁତ ସରିଥିଲା। ସୋମବାର ବୈଠକରେ ତାହାର ଚୂଡ଼ାନ୍ତ ରୂପରେଖ ପ୍ରସ୍ତୁତ ହୋଇଛି। ଆସନ୍ତା ୨୭ ତାରିଖରେ ଜିଲ୍ଲାର ସମସ୍ତ ପ୍ରଧାନଶିକ୍ଷକଙ୍କୁ ନେଇ ଏକ ବୈଠକ କରାଯିବ। ସେଥିରେ ଏ ସମ୍ପର୍କରେ ଅବଗତ କରାଯିବା ସହ ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ଜିଲ୍ଲାରୁ ଏ ୧ ଗ୍ରେଡରେ କୃତିତ୍ୱର ସହ ଉତ୍ତୀର୍ଣ୍ଣ ହୋଇଥିବା ସମୁଦାୟ ୧୧୬ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ଏଥିରେ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ମମତା ମିଶ୍ର ଓ ହିମାଂଶୁ ଭୂଷଣ ସମରଥ, ପୁରୀ ଜିଲ୍ଲା ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ମିଶ୍ର, ବିଶ୍ୱମ୍ଭର ବିଦ୍ୟାପୀଠର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଶ୍ରୀ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ରଥଯାତ୍ରା ବ୍ୟବସ୍ଥାବଳୀକୁ ଅନୁମୋଦନ

# ଟାହିଆକୁ ସୁରକ୍ଷା ଦେବେ ଦଇତାପତି

### ଠାକୁରଙ୍କ ସମ୍ମୁଖରେ କେହି ଛିଡ଼ା ହେବେନି

ପୁରୀ, ୨୪।୬(ସମିସ)

ଆସନ୍ତା ଜୁଲାଇ ୭ ତାରିଖରେ ରଥଯାତ୍ରା। ପରେ ପରେ ବାହୁଡ଼ା, ସୁନାବେଶ, ନୀଳାଦ୍ରୀବିଜେ ପ୍ରଭୃତି ପର୍ବପର୍ବାଣି ରହିଛି। ଏଥିପାଇଁ ସୋମବାର ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ବସିଥିଲା। ଏଥିରେ ଶୃଙ୍ଖଳିତ ନୀତିକାନ୍ତି ସହ ରଥଯାତ୍ରା ଏବଂ ବାହୁଡ଼ା ଯାତ୍ରାର ବ୍ୟବସ୍ଥାବଳୀ ଅନୁମୋଦନ ହୋଇଛି।

ବୈଠକରେ ବ୍ୟବସ୍ଥାବଳୀକୁ ନେଇ ହୋଇଥିବା ଆଲୋଚନା ଅନୁଯାୟୀ, ମହାପ୍ରଭୁ ଯେତେବେଳେ ପହଣ୍ଡି ହୋଇ ରଥ ଉପରକୁ ଏବଂ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରିବେ ସେହି ସମୟରେ କେତେକ କଟକଣା ରହିବ। ଶ୍ରୀଗୁଣ୍ଡିଚା ଦିନ କୌଣସି ଦର୍ଶନାର୍ଥୀ କିମ୍ବା ଅନଧିକୃତ ବ୍ୟକ୍ତି ଶ୍ରୀମନ୍ଦିର ଜଗମୋହନ କିମ୍ବା ନାଟମଣ୍ଡପ ମଧ୍ୟକୁ ପ୍ରବେଶ କରିପାରିବେ ନାହିଁ। ଅନଧିକୃତ ବ୍ୟକ୍ତିମାନେ ରଥ ଆରୋହଣ କରିବା ବା ଶ୍ରୀବିଗ୍ରହଙ୍କୁ ସ୍ପର୍ଶ କରିବା ସମ୍ପୂର୍ଣ୍ଣ ନିଷେଧ। ରଥାରୁଢ ଶ୍ରୀବିଗ୍ରହମାନଙ୍କ ସ୍ୱଷ୍ଟ ଦର୍ଶନ ନିମନ୍ତେ ଠାକୁରଙ୍କର ସେବାପୂଜା ନ ଥିବା ସମୟରେ କୌଣସି ସେବକ ମହାପ୍ରଭୁଙ୍କ ଉଭୟ ଭୁଜ ମଧ୍ୟରେ ବା ସମ୍ମୁଖରେ ଛିଡା ହେବେ ନାହିଁ। ଶ୍ରୀବିଗ୍ରହମାନଙ୍କ ଭୁଜ ଉପରେ ଭରା ଦେଇ କୌଣସି ସମୟରେ ଛିଡା ହୋଇ ରହିବା କିମ୍ବା ଠାକୁରଙ୍କୁ ପିଠି କରି ବସିବା ସମ୍ପୂର୍ଣ୍ଣ ନିଷେଧ। ଦଇତାପତି ସେବକମାନେ ମହାପ୍ରଭୁଙ୍କ ଟାହିଆର ସୁରକ୍ଷା କରିବେ। ପ୍ରତିହାରୀ ସେବକ ଓ ଆରକ୍ଷୀ ବାହିନୀ ମଧ୍ୟ ଟାହିଆର ସୁରକ୍ଷା ପ୍ରତି ଯତ୍ନବାନ ହେବେ। ଦାରୁବିଗ୍ରହମାନେ ରଥ ଉପରକୁ ସମ୍ପୂର୍ଣ୍ଣ ଉଠିବା ପରେ ଟାହିଆଗୁଡ଼ିକ ସମ୍ମାନର ସହିତ ଖୋଲାଯିବ। ଟାହିଆ ଭାଙ୍ଗିଥିବା ବ୍ୟକ୍ତି ବା ଟାହିଆର ଅଂଶ ଧରିଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରଥ ଚାରମାଳ କିମ୍ବା ରଥ ଉପରକୁ କୌଣସି କ୍ୟାମେରା ବା ମୋବାଇଲ ଫୋନ୍ ନେବା ସମ୍ପୂର୍ଣ୍ଣ ନିଷିଦ୍ଧ। ପହଣ୍ଡି ସମୟରେ କୌଣସି ବ୍ୟକ୍ତି ଶ୍ରୀମନ୍ଦିର ଏବଂ ଶ୍ରୀଗୁଣ୍ଡିଚା ମନ୍ଦିର ପରିସରରେ ନୃତ୍ୟ କରିପାରିବେ ନାହିଁ। ରଥାରୁଢ ଠାକୁରଙ୍କୁ ବଡ଼ଦାଣ୍ଡରେ ଅଗଣିତ ଭକ୍ତ ଯେପରି ଭଲ ଭାବେ ଦର୍ଶନ କରିବେ ସେଥିପ୍ରତି ସେବକମାନେ ଯତ୍ନବାନ ହେବେ। ଶ୍ରୀଜୀଉଙ୍କ ସମ୍ମୁଖ ଭାଗରେ ରହିବେ ନାହିଁ କି ରଥର ଉଭୟ ପାର୍ଶ୍ୱ ବାଡ଼ରେ ଠିଆ ହେବେ ନାହିଁ କିମ୍ବା ଫୁଲ ଇତ୍ୟାଦି ତଳକୁ ପକାଇବେ ନାହିଁ। ଗଜପତି ମହାରାଜାଙ୍କ ରଥ ଉପରେ ରାଜନୀତି ସମୟରେ କୌଣସି ସେବାୟତ ଶ୍ରୀବିଗ୍ରହଙ୍କ ସମ୍ମୁଖ ଭାଗରେ ଠିଆ ହୋଇ ଦର୍ଶନ ଅବରୋଧ କରିବେ ନାହିଁ।

କୁଣ୍ଢେଇ ବ୍ୟାରେଜ କାମରେ ଅନିୟମିତତା ଅଭିଯୋଗ

# ୧୫ ବର୍ଷରେ ପାଞ୍ଚ ଥର ଅନୁଦାନ ରାଶି ବୃଦ୍ଧି ତଥାପି ସରୁନି

**କୁଣ୍ଢେଇ,୨୪।୬(ସମିସ):** ମାସେ ନୁହେଁ କି ବର୍ଷେ ନୁହେଁ ଆଜିକୁ ୧୫ ବର୍ଷ ହେବ ସରୁନି କୁଣ୍ଢେଇ ବ୍ୟାରେଜ୍ କାମ। ପୁରୀ ଜିଲ୍ଲା କାକଟପୁର ବ୍ଲକ ବାଜପୁର ଗ୍ରାମ ନିକଟରେ ପ୍ରାଚୀ ନଦୀ ଉପରେ କୁଣ୍ଢେଇ ବ୍ୟାରେଜ୍ ନିର୍ମାଣ କାର୍ଯ୍ୟ ଏବେ ଅଧପନ୍ତରିଆ ହୋଇ ପଡିରହିଛି। ଏହି ନିର୍ମାଣାଧିନ ବ୍ୟାରେଜ୍ ଚାଷୀ ଓ ଜନସାଧାରଣଙ୍କ ସେବାରେ ଆସିପାରିଲା ନହିଁ। ଏହି ବ୍ୟାରେଜ୍ କାର୍ଯ୍ୟକ୍ଷମ ହୋଇଥିଲେ କେନାଲ ତଳ ମୁଣ୍ଡର ଚାଷୀ

## ପ୍ରକଳ୍ପ ପାଲଟିଛି ନେତା-ଯନ୍ତ୍ରୀଙ୍କ ଲେଉଟିଆ କିଆରି



ଉପକୃତ ହୋଇଥାନ୍ତେ। ମାତ୍ର ଚାଷୀଙ୍କ ସ୍ୱପ୍ନ ଏବେ ଅଧୁରା ଥିବାବେଳେ, ବ୍ୟାରେଜ୍ କାର୍ଯ୍ୟର ଅବଧି ୫ ବର୍ଷ ପୂର୍ବରୁ ଶେଷ ହୋଇଯାଇଛି। ସୂଚନା ମୁତାବକ ୨୦୦୯ ମସିହାରେ ତତ୍କାଳୀନ କୃଷିମନ୍ତ୍ରୀ ସୁରେନ୍ଦ୍ରନାଥ ନାୟକ ଏବଂ ପଞ୍ଚାୟତରାଜ ମନ୍ତ୍ରୀ ରଘୁନାଥ ମହାନ୍ତି ପ୍ରାଚୀନଦୀ ଉପରେ ପ୍ରାଚୀ ବ୍ୟାରେଜ୍ ପାଇଁ ଶିଳାନ୍ୟାସ କରିଥିଲେ। ନାବାର୍ଡ ସହାୟତାରେ ସେହି ସମୟରେ ୧୪ କୋଟି ୪୮ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟ ଅଟକଳରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ୨୦୦୯ ଆର୍ଥିକ ବର୍ଷରେ ଏହି ବ୍ୟାରେଜ୍ କାର୍ଯ୍ୟ ଆରମ୍ଭ ହୋଇ ୨୦୧୩-୧୪ ଆର୍ଥିକ ବର୍ଷରେ ଶେଷ ହେବା କଥା। ମାତ୍ର ଏବେ ବ୍ୟାରେଜ୍ କାର୍ଯ୍ୟର ଅବଧି ଶେଷ ହୋଇଯାଇଥିବା ବେଳେ ନିର୍ମାଣ କାର୍ଯ୍ୟର ୬୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିବା ବେଳେ ବ୍ୟାରେଜ୍ ପ୍ରକଳ୍ପରେ ଜଳ ରହିବା ପାଇଁ ନଦୀର ଦୁଇ ପାଶ୍ୱର୍ରେ ଆଡ଼ିବନ୍ଧ ନିର୍ମାଣ ହୋଇନାହିଁ। ବ୍ୟାରେଜ୍ ଗେଟ୍ ଖୋଲିବା ଓ ବନ୍ଦ କରିବାକୁ ବିଦ୍ୟୁତ୍ ସଂଯୋଗ କାର୍ଯ୍ୟ ଅଦ୍ୟାବଧି ଆରମ୍ଭ ହୋଇନାହିଁ। ସେହିପରି ଆହୁରି ଅନେକ କାର୍ଯ୍ୟବାକି ରହିଛି। ଓଡ଼ିଶା କନଷ୍ଟ୍ରକ୍ସନ୍ କମ୍ପାନୀ (ଓସିସି) ଏହି ବ୍ୟାରେଜ୍ କାର୍ଯ୍ୟ ଆଣି ଉକ୍ତ କାର୍ଯ୍ୟକୁ ଓସିସି ନିଜେ ନକରି ଅନ୍ୟଏକ ଠିକା ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦେଇଥିଲା ଫଳରେ ବ୍ୟାରେଜ୍ କାର୍ଯ୍ୟ ଯେତିକି ସରିଛି ଅତି ନିମ୍ନମାନର ହୋଇଥିବା ଅଞ୍ଚଳବାସୀଙ୍କ ଅଭିଯୋଗ ହେଉଛି। ଏମିତି କି ଉକ୍ତ କାର୍ଯ୍ୟ କାକଟପୁର ଜଳସେଚନ ବିଭାଗ ଉପଖଣ୍ଡ ହେଡକ୍ୱାର୍ଟର ସେକ୍ସନ ଯନ୍ତ୍ରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। କିନ୍ତୁ କାର୍ଯ୍ୟର ଅବଧି ସରିଗଲା, ମାତ୍ର ବ୍ୟାରେଜ୍ କାର୍ଯ୍ୟ ଶେଷ ହୋଇପାରିଲା ନାହିଁ। ୨୦୦୯ ଆର୍ଥିକ ବର୍ଷରେ ନାବାର୍ଡ ଅନୁଦାନ ଅର୍ଥ ୧୪ କୋଟି ୪୮ ଲକ୍ଷ ୩୧ ହଜାର ଟଙ୍କା ବ୍ୟୟରେ ଆରମ୍ଭ ହୋଇଥିବା ଏହି ବ୍ୟାରେଜ୍ କାର୍ଯ୍ୟ ପରବର୍ତ୍ତୀ ସମୟରେ ସଂଶୋଧିତ ଅଟକଳ ବଢ଼ିବଢ଼ି ୪୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ବୃଦ୍ଧି କରାଯାଇଥିଲେ ମଧ୍ୟ ଅଦ୍ୟାବଧି ବ୍ୟାରେଜ୍‌ର ଭବିଷ୍ୟତକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଓସିସି ଅଦ୍ୟାବଧି ଯେତିକି ବ୍ୟାରେଜ୍ କାମ କରିଛି। ତା' ଠାରୁ ଅଧିକ ଟଙ୍କା ନିମାପଡ଼ା ଜଳସେଚନ ବିଭାଗ ଡିଭିଜନରୁ ବିଲ୍ ଉଠାଇ ନେଇ ଚାଲିଗଲାଣି ବୋଲି ଅଭିଯୋଗ ହେଉଛି। ଏଷ୍ଟିମେଟ ଅନୁଯାୟୀ ମାନ ପରିମାଣ ଠିକ୍ ନ ଥିବା ବ୍ୟାରେଜ୍ ନିକଟ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ୪୦ କୋଟି ଟଙ୍କାର ବ୍ୟାରେଜ୍ କାମ ବିନା ସୂଚନା ଫଳକରେ କିପରି ହେଉଛି ସ୍ଥାନୀୟ ଲୋକେ ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି। ବ୍ୟାରେଜର ବର୍ତ୍ତମାନ ସୁଦ୍ଧା ଯେତିକି କାର୍ଯ୍ୟ ସରିଛି ତାହାର ରକ୍ଷଣାବେକ୍ଷଣ ଅଭାବରୁ ଲୁହା ଗୁଡିକ କଳଙ୍କି ଲାଗି ନଷ୍ଟ ହେବାକୁ ବସିଲାଣି। ନୂତନ ସରକାରଙ୍କ ଦ୍ୱାରା ଏହି ଅଧାପନ୍ତରିଆ ବ୍ୟାରେଜ୍ କାମକୁ ଶେଷ କରାଗଲେ କାକଟପୁର, ଅସ୍ତରଙ୍ଗ ଦୁଇଟି ବ୍ଲକର ଶହ ଶହ ଚାଷୀଙ୍କ ଚାଷ ପାଇଁ ପାଣି ସମସ୍ୟା ଦୂର ହେବ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ତାହା ସହିତ ବ୍ୟାରେଜ୍ କାମରେ ଅନିୟମିତତାର ତଦନ୍ତ କରିବାକୁ ଦାବି ହେଉଛି।

## ବିଜେଡିର କର୍ମୀ ସମ୍ମିଳନୀ



**ଚାରିଛକ,୨୪।୬(ସମିସ):** ନିମାପଡ଼ା ବ୍ଲକ ତୁଳସୀପୁର ପଞ୍ଚାୟତର ଶ୍ରୀଗୁରୁଦେବଙ୍କ ପୀଠରେ ବିଜେଡିର ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ ବିଜେଡି ସଭାପତି ଅନିରୁଦ୍ଧ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ )ବୈଠକରେ ୧୮ ନଂ ଜୋନ ଜିଲ୍ଲା ପରିଷଦ ସଭ୍ୟା କୁଞ୍ଜଲତା ସାମଲ,ପୂର୍ବତନ ଜିଲ୍ଲା ପରିଷଦସଭ୍ୟ ପ୍ରଦୀପ୍ତ କୁମାର ନାୟକ ଅତିଥିଭାବେ ଯୋଗଦେଇ ଗତ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟକୁ ଭୁଲି ସମସ୍ତ କର୍ମୀ ଏକଜୁଟ ହୋଇ କାର୍ଯ୍ୟ କରିବେ ସେ ନେଇ ପରାମର୍ଶ ଦେଇଥିଲେ। ସମ୍ମିଳନୀରେ ୧୯ଟି ୱାର୍ଡରୁ ୧୦୦ରୁ ଊର୍ଦ୍ଧ୍ୱ କର୍ମୀ ଯୋଗ ଦେଇଥିଲେ। ସର୍ବସମ୍ମତିକ୍ରମେ ଅନିରୁଦ୍ଧ ତ୍ରିପାଠୀ, ପ୍ରଦୀପ୍ତ ନାୟକ, ସନ୍ତୋଷ ଦାଶ, ଦେବାଶିଷ କର ପ୍ରମୁଖଙ୍କୁ ନେଇ ଏକ କାର୍ଯ୍ୟକାରୀ କମିଟି ଗଠନ ହୋଇଥିଲା। ସମସ୍ତ କର୍ମୀଙ୍କ ସୁବିଧା ଅସୁବିଧା ସମସ୍ୟା ସମ୍ପର୍କରେ କମିଟି ଆଲୋଚନା କରି ବ୍ଲକସ୍ତରିୟ ନେତୃବୃନ୍ଦଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ସିରେଇ ନୋଡାଲ ବିଦ୍ୟାଳୟ

## ଖୋଲା ଆକାଶ ତଳେ ମଧ୍ୟାହ୍ନଭୋଜନ

**କଣାସ,୨୪।୬(ସମିସ):** କେନ୍ଦ୍ର ଓ ରାଜ୍ୟସରକାର ପ୍ରଥମ ଠାରୁ ଅଷ୍ଟମ ଶ୍ରେଣୀ ଛାତ୍ରଛାତ୍ରୀମାନେ ଅଧିକ ସଂଖ୍ୟାରେ ବିଦ୍ୟାଳୟକୁ ଆସି କିପରି ପାଠପଢ଼ିବେ ସେଥିପାଇଁ ପିଲାମାନଙ୍କୁ ମାଗଣାରେ ମଧ୍ୟାହ୍ନ ଭୋଜନ, ପୋଷାକ, ପୁସ୍ତକ, ଖେଳ ଉପକରଣ ଯୋଗାଇ ଦିଆଯାଉଛି। ଅନ୍ୟପକ୍ଷରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ବିଦ୍ୟାଳୟ ଗୃହ ନିର୍ମାଣ କରୁଛନ୍ତି। ମଧ୍ୟାହ୍ନ ଭୋଜନ ଖାଦ୍ୟ ଖାଇବା ପାଇଁ ବିଦ୍ୟାଳୟ ବାରଣ୍ଡା ଓ ଗୃହ ଥିବା ବେଳେ କଣାସ ପଞ୍ଚାୟତ ସମିତି ନିକଟବର୍ତ୍ତି ସିରେଇ ନୋଡାଲ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଗତ ୨୨ତାରିଖ ଦିନ ୧୦.୧୫ମିନିଟ୍ ସମୟରେ ବିଦ୍ୟାଳୟ ହତାମଧରେ ଖୋଲା ଆକାଶ ତଳେ ଖରାରେ ଖାଇବାକୁ ଦିଆଯାଇଥିବା ଦେଖିବାକୁ ମିଳିଥିଲା। ଏହିପରି କଣାସ ବ୍ଲକର ଅନେକ ବିଦ୍ୟାଳୟରେ ଖୋଲା ଆକାଶ ଓ ବିଦ୍ୟାଳୟ ପରିସରରେ ଥିବା ବୃକ୍ଷ ତଳେ ମଧ୍ୟାହ୍ନ ଭୋଜନ ଦିଆଯାଉଥିବା ଦେଖିବାକୁ ମିଳୁଛି। ଏସଂପର୍କରେ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ



ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ମୁଁ ନଥିଲି ସହକାରୀ ଶିକ୍ଷକମାନେ ଖୋଲା ବାରଣ୍ଡାରେ ନ ଦେଇ ଖୋଲା ଆକାଶ ତଳେ ଖାଦ୍ୟ ଦେଇଥିବା ଶୁଣିବାକୁ ପାଇଛି। କଣାସ ବ୍ଲକ ଅତିରିକ୍ତ ଶିକ୍ଷାଧିକାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ବିଦ୍ୟାଳୟ ବାରଣ୍ଡା ଓ ଗୃହରେ ମଧ୍ୟାହ୍ନ ଭୋଜନ ଖାଇବା ପାଇଁ ନିର୍ଦ୍ଦେଶ ଥିବା ବେଳେ କାହିଁ ଖୋଲା ଆକାଶ ତଳେ ଡହଡହ ଖରାରେ କୋମଳମତୀ ଛାତ୍ରାଛାତ୍ରୀଙ୍କୁ ଖାଇବାକୁ ଦେଲେ ମୁଁ ତଦନ୍ତ କରୁଛି ବୋଲି କହିଛନ୍ତି।

■ ନାଗା ନୃତ୍ୟ ମୁଖ୍ୟ ଆକର୍ଷଣ

## ରୂପଦେଇପୁରରେ ଜଗନ୍ନାଥଙ୍କ ସ୍ନାନଯାତ୍ରା

**ବଳଙ୍ଗା,୨୪।୬(ସମିସ):** ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁରଗ୍ରାମସ୍ଥ ଶ୍ରୀଜୀଉଙ୍କ ତିନି ଦିନ ବ୍ୟାପି ଚାଲିଥିବା ସ୍ନାନଯାତ୍ରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ନାଗାନୃତ୍ୟ ଯାତ୍ରାର ମୁଖ୍ୟ ଆକର୍ଷଣ ହୋଇଥିଲା। ତତ୍କାଳୀନ ସମୟରେ ମଠ, ମନ୍ଦିର, ଠାକୁରଙ୍କୁ ଶତ୍ରୁ କବଳରୁ ରକ୍ଷା କରିବା ଲାଗି ଶକ୍ତିଶାଳୀ ନାଗା ଗୋଷ୍ଠୀ ଦାୟିତ୍ୱ ନେଇଥିଲେ। ସେମାନଙ୍କ ବିରତ୍ୱର ପରାକାଷ୍ଠା ବଞ୍ଚାଇ ରଖିବା ପାଇଁ ପାରମ୍ପରିକ ନାଗା ନୃତ୍ୟ ଅନୁଷ୍ଠିତ ହେଉଛି। ପ୍ରାୟ ୫୦ କେଜି ଚାନ୍ଦୀ ରୂପାରେ ନିର୍ମିତ କାରୁକାର୍ଯ୍ୟ ମନ୍ଦିର, ମୟୁର,ଘୋଡା,ତୋରଣ, ବିଭିନ୍ନ ପଶୁପକ୍ଷୀ ଆଦୀ ନାଗା ମୁଣ୍ଡ ତଥା ହାଣ୍ଡିଆରେ ଖଞ୍ଜା ହୋଇଥାଏ। ପକ୍ଷୀ ଭଳି ତାଟରେ



ନମୁନା ସ୍ୱରୂପ ବିଭିନ୍ନ ଅସ୍ତ୍ରଶସ୍ତ୍ର ଲାଗିଥାଏ। ବୀରବାଦ୍ୟର ତାଳେ ତାଳେ ସେମାନେ ନୃତ୍ୟ କରିଥାନ୍ତି। ତତସହିତ ପୌରାଣିକ କିମ୍ବଦନ୍ତୀ ଆଧାରରେ ରାବଣ, ଦୁର୍ଗା,କଂସ ବଧ,ଶ୍ରୀ ନୃସିଂହ, ପର୍ଶୁରାମ ପ୍ରଭୃତି ନୃତ୍ୟ ତଥା ବିଭିନ୍ନ ସାହି ଯାତ ଅନୁଷ୍ଠିତ ହୋଇଥାଏ। ଚଳିତ ବର୍ଷ ଗ୍ରାମରେ ଜାଗାଘର ପକ୍ଷରୁ ୧୯ ଟି ନାଗା ନୃତ୍ୟ କରିଥିଲେ। ଜଗନ୍ନାଥ ସମ୍ମୁଖ ମଣ୍ଡପରେ ନାଗା, ପାରମ୍ପରିକ ନୃତ୍ୟ,ସାହିଯାତରେ ଅଂଶଗ୍ରହଣ କରିଥିବା ବ୍ୟକ୍ତିଙ୍କୁ ମନ୍ଦିର ପ୍ରଶାସନ ପକ୍ଷରୁ ଶାଢ଼ୀ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ନାଗାନୃତ୍ୟ ମହୋତ୍ସବ ସରଶସୁନ୍ଦର ନିମନ୍ତେ ଗୋପବନ୍ଧୁ ଯୁବ ବିକାଶ ପରିଷଦ ଉଦ୍ୟମ ଜାରି ରଖିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ମନ୍ଦିର ପ୍ରଶାସନ , ଗ୍ରାମବାସୀ, ବଳଙ୍ଗା ଥାନା ଅଧିକାରୀ ସହଯୋଗ କରିଥିଲେ।

## ନଈ, ନାଳ ଓ କେନାଲ ଶୁଖିଲା ; ଚାଷ ଜମି ପଡ଼ିଛି ପଡିଆ

**ସାକ୍ଷୀଗୋପାଳ, ୨୪।୬ (ସମିସ)** ସତ୍ୟବାଦୀରେ ଏବେ ମୌସୁମୀ ନିଖୋଜ ହୋଇଯାଇଛି। ପାଣି ପାଗ ବିଭାଗ ପକ୍ଷରୁ କୁହାଯାଉଛି ଯେ ୨୪ଟି ଜିଲ୍ଲାକୁ ମୌସୁମୀ ଛୁଇଁ ସାରିଛି। ମାତ୍ର ପୁରୀ ଜିଲ୍ଲାର ସତ୍ୟବାଦୀ ବ୍ଲକ ଅଞ୍ଚଳରେ ପ୍ରାୟ ଛଅ ମାସ ହେବ ବର୍ଷା ଯଥେଷ୍ଟ ହୋଇନି । ଫଳରେ ପାଣି ପାଇଁ ପଶୁ ପକ୍ଷୀ, ମଣିଷ ସମସ୍ତେ ଉହଳ ବିକଳ ହେଉଛନ୍ତି। ଅନ୍ୟପକ୍ଷରେ ଅସହ୍ୟ ଗରମ ସାଙ୍ଗକୁ ଟାଇଁ ଟାଇଁ ଖରା। ଅନ୍ୟପକ୍ଷେ ବର୍ଷା ଅଭାବରୁ ନଈ, ନାଳ ଓ କେନାଲ ଶୁଖିଲା ପଡିଛି। ବର୍ଷା ଅଭାବରୁ ଚାଷ କିପରି ହେବ ଚାଷୀମାନେ ଚିନ୍ତାରେ ପଡିଛନ୍ତି। ଜୁନ ମାସ ସରିବାକୁ ଆଉ ମାତ୍ର ୫ ଦିନ ରହିଲା ବର୍ଷା ହେବାର ନାଁ ଗନ୍ଧ ଧରୁ ନାହିଁ । ଗହିରମାନଙ୍କରେ ଜମି ଏବେ ପଡିଆ ପଡିଛି। ଜୁନ ମାସ ବା ରଜ ବେଳକୁ ଚାଷୀମାନେ ଖାଲ ଜମି ଗୁଡିକରେ ଧାନ ବୁଣା ବୁଣି କାମ ସାରି ଦେଇଥାନ୍ତି। ବର୍ଷା ହେଲେ ଧାନ ଗଛ ହେବା ସହ ଢ଼ିପ ବିଲ ଗୁଡିକରେ କାମ ହେବା ସହ ଖାଲ ଜମିରେ ଘାସ ବଛା ହେବା ସହ ଧାନ ଗଛ ହୋଇଯାଇଥାଏ । ଚାଷୀ ରବି ପ୍ରଧାନ, ଦେବ ସାହୁ, ଲକ୍ଷ୍ମଣ ବେହେରା ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଚାଷୀ କହନ୍ତି ଏବେ କେବଳ ସାହା ଭରଷା ଲଘୁଚାପ। ବର୍ଷା ହେଲେ ଧାନ ଚାଷ କାର୍ଯ୍ୟ ଆରମ୍ଭ ହେବ ନଚେତ ବିଲ ପଡିଆ ପଡିବ ବୋଲି ଚାଷୀମାନେ ମତ ପ୍ରକାଶ କରିଛନ୍ତି।

ଅସହ୍ୟ ଗରମ ସାଙ୍ଗକୁ ଖରା

■ 'ଜଳ ଜୀବନ ମିଶନ' ବିଫଳ

## ଲୋକଙ୍କୁ ମିଳୁନି ପିଇବା ପାଣି

**ଗମ୍ଭାରିପଦା,୨୪।୬(ସମିସ):** ଜେଜେଏମର ଉଦେଶ୍ୟ ପ୍ରତି ଘରକୁ ଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା।୨୦୧୯ ମସିହାରେ ପ୍ରଧାନମନ୍ତ୍ରୀ ମୋଦି ଏହି ମିଶନର ଶୁଭାରମ୍ଭ କରିଥଲେ। ଓଡିଶା ସରକାର ସବୁ ଘରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ଡ୍ରିଙ୍କ ଫ୍ରମ ଦି ଟ୍ୟାପ କାର୍ଯ୍ୟ ଆରମ୍ଭ କରିଥିଲେ। ଏହିକ୍ରମରେ ଲକ୍ଷାଧିକ ଟଙ୍କାର ବ୍ୟୟରେ କାକଟପୁର ବ୍ଲକର ପ୍ରତି ପଞ୍ଚାୟତରେ ପାଣି ଟାଙ୍କିମାନ ନିର୍ମାଣ କରାଗଲା। ରାସ୍ତା କଡ଼ରେ ପାଇପ ପକାଇ ପଞ୍ଚାୟତରେ ଶତକଡା ୩୦ଭାଗ ଘରର ରାସ୍ତା ପାଶ୍ୱର୍ରେ ପଏଣ୍ଟ ବାହାର କରି ପ୍ଲାଷ୍ଟିକ ଟ୍ୟାପ୍ ଲଗାଇ ଦିଆଗଲା। କିନ୍ତୁ ନବ ନିର୍ମିତ କେତେକ ପାଣି ଟାଙ୍କି ଆରମ୍ଭରୁ କାର୍ଯ୍ୟକ୍ଷମ ହେଉନାହିଁ,ଅଳ୍ପ କେତେକ ଟାଙ୍କି କାର୍ଯ୍ୟ କରୁଥିଲେ ମଧ ସମସ୍ତଙ୍କ ପାଖରେ ପାଣି ପହଞ୍ଚି ପାରୁନାହିଁ।କାରଣ ଠିକାଦାର ନିମ୍ନମାନର କାର୍ଯ୍ୟ କରିଥିବାରୁ କେତେକ ଯାଗାରେ ଟାଙ୍କିରୁ ପାଣି ଲିକ୍ କରୁଛି ତ ଅନ୍ୟ କେଉଁଠି ଅଳ୍ପ ଗହିରାରେ ନିମ୍ନମାନର ପାଇପ ପଠାଯାଇଥିବାରୁ ଭାରୀଯାନ ଗାଇଗୋରୁଙ୍କ ଖୁରାରେ ପାଇପ୍ ଫାଟି ପାଣି ଲିକ୍ କରୁଛି। ଅନ୍ୟ କେଉଁଠି ପାଇପ୍‌ରେ ପାଣି ଚାଲିବା ବେଳେ ଫାଟି ଯାଇଛି। ଯାହାଦ୍ୱାରା ପଥିକ ଯାନବାହାନ ଗୁଡିକ ଯାତାୟତ କରିବାରେ ବାଧା ସୃଷ୍ଟି ହୋଇ ଦୁର୍ଘଟଣା ଘଟୁଛି। କାଗଜପତ୍ରରେ ପଞ୍ଚାୟତ ଗୁଡ଼ିକର ସବୁ ଘରକୁ ପାଣି ପାଇପ୍ ବିଛାଯାଇଥିବା ଦର୍ଶାଯାଇଥିଲେ ମଧ ବାସ୍ତବ ଚିତ୍ର ଅନ୍ୟ କିଛି କହୁଛି। କାକଟପୁର ଅଞ୍ଚଳର ବୁଦ୍ଧିଜୀବୀ,ସ୍ୱେଛାସେବୀ ଅନୁଷ୍ଠାନ ଗୁଡ଼ିକ ପକ୍ଷରୁ ରାଜ୍ୟ ସରକାରଙ୍କର ବିଭାଗୀୟ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ବିଧିବଦ୍ଧ ତଦନ୍ତ ଦାବି କରିଛନ୍ତି।

## ଚାଷୀଙ୍କୁ ମିଳୁନି ; କାଗଜକଲମରେ ବିହନ ଓ ସାର ବିକ୍ରୟ

**ସାକ୍ଷୀଗୋପାଳ,୨୪।୬(ସମିସ):** ସତ୍ୟବାଦୀ ବ୍ଲକରେ ଏବେ କେବଳ କାଗଜପତ୍ରରେ ଚାଲିଛି ଧାନ ବିହନ ଓ ସାର ଯୋଗାଣ । ସରକାରଙ୍କ ନିଷ୍ପତି ଅନୁଯାୟୀ ଧାନ କିଣୁଥିବା ସମବାୟ ସମିତି ଜରିଆରେ ଧାନ ବିହନ ଓ ସାର ସରକାରୀ ଦରରେ ଚାଷୀମାନଙ୍କୁ ଯୋଗାଇ ଦିଆଯିବ। ମାତ୍ର ଜୁନ ମାସ ସରିଲାଣି ଅଧିକାଂଶ ସମବାୟ ସମିତିରେ ଧାନ ବିହନ ଉଠାଇନାହାନ୍ତି। ଚାଷୀମାନେ ବାରମ୍ବାର କୃଷି ବିଭାଗ ଓ ସମବାୟ ସମିତି କାର୍ଯ୍ୟାଳୟକୁ ଦୌଡି ଦୌଡି ଶେଷରେ ବେସରକାରୀ ଭାବରେ ବିକ୍ରୟ କରୁଥିବା ଦେକାନୀଙ୍କ ଠାରୁ ଧାନ କିଣି ବିଲରେ ବୁଣି ବା ଆରମ୍ଭ କରିବା ପାଇଁ ପ୍ରାକ ପ୍ରସ୍ତୁତି ଅପେକ୍ଷାରେ ରହିଛନ୍ତି। ଚାଷୀମାନଙ୍କର ଯେଉଁ ଯେଉଁ ବିହନ ଦରକାର ସତ୍ୟବାଦୀ କୃଷି ବିଭାଗ ସେଇ ବିହନ ଯୋଗାଇବାରେ ବିଫଳ ହେଉଛି। ଯେଉଁ ସମବାୟ ସମିତିର ସମ୍ପାଦକମାନେ ଆଗ ବିହନକେନ୍ଦ୍ରରୁ ଚାଷୀଙ୍କ ମନବୁତାବକ ବିହନ ଉଠାଇ ନେଲେ ପରେ ଯେଉଁ ସମବାୟ ସମିତି ଗଲା ବିହନ ଉଠାଇବା ପାଇଁ ସେଠାରେ ଯାହା ବିହନ ରହିଛି ତାହାକୁ ଆଣିଲେ। ସେହି ବିହନ ବିକ୍ରୟ ହେଲାନାହିଁ ବୋଲି କହନ୍ତି। ଅନ୍ୟପକ୍ଷେ ଚାଷୀମାନେ ଧନିଚା ଚାଷ କରିବା ପାଇଁ ଖୋଜୁଥିବା ବେଳେ କୃଷିବିଭାଗ କାର୍ଯ୍ୟାଳୟକୁ ଆସିଥିବା ଧନିଚା ମଞ୍ଜି କୃଷି ଗ୍ରାମସେବକମାନେ ନେଇଯାଇଛନ୍ତି। ଉକ୍ତ ଧନିଚା ଗୁଡିକ କେଉଁ ଚାଷୀମାନଙ୍କୁ ଦିଆଯାଉଛି ତାହା କେବଳ କାଗଜ ପତ୍ରରେ କରାଯାଉଛି। ପକୃତ ପକ୍ଷେ ଧନିଚା ମଞ୍ଜି ଅଧିକ ଦାମରେ ବିକ୍ରୟ କରାଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ନୂତନ ସରକାର ଚାଷୀ ମାନଙ୍କ ଉପରେ ଗୁରୁତ୍ୱ ଦେଇଥିବା ବେଳେ ସତ୍ୟବାଦୀ ବ୍ଲକରେ ବିହନ ଓ ଧନିଚା ମିଳୁନଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।

## ଝାଉଁ କାଠ ବୋଝେଇ ଗାଡ଼ି ଜବତ



**ଗୋପ,୨୪।୬(ସମିସ):** ରବିବାର ବିଳମ୍ବିତ ରାତିରେ ଗୋପ ବନବିଭାଗ ଲକ୍ଷାଧିକ ଟଙ୍କାର ଝାଉଁ କାଠ ବୋଝେଇ ଏକ ଟାଟାଏସ୍‌ଇସି ଗାଡ଼ିକୁ ଜବତ କରିବା ଗାଡ଼ି ଚାଳକ ସନ୍ତୋଷ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଜଣାପଡ଼ିଛି। ମାତ୍ର ଗାଡ଼ିରେ ଥିବା ହେଲପର ଖସି ପଳାଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ଗୋପ ଅଞ୍ଚଳରେ ବିଭିନ୍ନ ସମୟରେ ମୂଲ୍ୟବାନ୍ ଗଛ କଟାଯାଇ ବିଭିନ୍ନ ସ୍ଥାନରେ ଚାଲାଣ କରାଯାଉଛି। ବିଭିନ୍ନ ସମୟରେ ରାତି ଅଧିଆ କାରବାର ଚାଲୁଥିବା ବେଳେ ପିକ୍‌ଅପ୍‌ରେ ବୋଝେଇ ଝାଉଁ କାଠ ଚାରିଛକ ଅଞ୍ଚଳକୁ ଚାଲାଣ କରାଯାଉଥିବା ନେଇ ବନବିଭାଗ ବିଶେଷ ସୂତ୍ରରେ ଖବର ପାଇବା ପରେ ବନବିଭାଗ ଅଧିକାରୀ ସୁଦର୍ଶନ ଦେହୁରିଙ୍କ ନିର୍ଦ୍ଦେଶକ୍ରମେ କର୍ମଚାରୀମାନେ କାଠ ଗାଡ଼ିଟିକୁ ଗୋପ ବ୍ରିଜ୍ ନିକଟରେ ଅଟକାଇଥିବା ବେଳେ ଚାଳକ ଆବଶ୍ୟକୀୟ କାଗଜପତ୍ର ଦେଖାଇ ପାରିନଥିଲେ। ପରେ ବନ ବିଭାଗ ପକ୍ଷରୁ ଗାଡ଼ିଟିକୁ ଜବତ କରାଯାଇଥିବା ବେଳେ ଚାରିଛକ ବରଡ଼ିହ ଅଂଚଳର ଚାଳକ ସନ୍ତୋଷ ସ୍ୱାଇଁଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ଅଧିକରୀ ଶ୍ରୀ ଦେହୁରି କହିଛନ୍ତି।

## କଲେଜ ପରିସରରେ ବର-ଓସ୍ତ ବିବାହ



**ନୟାହାଟ,୨୪।୬(ସମିସ):** ୨୦୦୩ ମସିହାରେ ନୟାହାଟ କଲେଜ ପରିସରରେ ବର, ଓସ୍ତ (ଅଶ୍ୱତ୍ଥ) ଗଛ ଅଧ୍ୟାପକ ରତିକାନ୍ତ ଦାସ ଲଗାଇ ତା'ର ଯତ୍ନ ନେଉଥିଲେ। ଦୀର୍ଘ ୨୧ବର୍ଷ ପରେ କଲେଜ ପକ୍ଷରୁ ବ୍ରାହ୍ମଣ ଡକାଇ ରିତିନୀତି ଅନୁସାରେ କଲେଜ ପରିସରରେ ଥିବା ଉକ୍ତ ବର-ଓସ୍ତ ଗଛକୁ ବିବାହ କରିଛନ୍ତି। ବିବାହ ଉତ୍ସବରେ କଲେଜ କର୍ତ୍ତୃପକ୍ଷ ,କର୍ମଚାରୀଙ୍କ ସମେତ ସ୍ଥାନୀୟ ଲୋକ ଯୋଗଦେଇ ସହଯୋଗ କରିଥିଲେ। ଏଭଳି ଧାର୍ମିକ କାର୍ଯ୍ୟକୁ କଲେଜ ପକ୍ଷରୁ କରାଯାଇଥିବାରୁ ସାଧାରଣରେ ପ୍ରଶଂସା କରାଯାଇଥିଲା।

କାକଟପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର

## ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବାକୁ ନେଇ ବଢୁଛି ଅସନ୍ତୋଷ

**କାକଟପୁର,୨୪।୬(ସମିସ)** କାକଟପୁର ନିର୍ବାଚନମଣ୍ଡଳୀର ୧୨ଟି ପଞ୍ଚାୟତର ଜନସାଧାରଣ କାକଟପୁର ଡାକ୍ତରଖାନା ଉପରେ ସ୍ୱାସ୍ଥ୍ୟ ସେବା ପାଇଁ ନିର୍ଭର କରନ୍ତି। ପୂର୍ବର ବିଜେଡି ସରକାର ଲକ୍ଷାଧିକ ଟଙ୍କାର ବ୍ୟୟ କରି ପୁରାତନ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ କରି ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର କଲେ। କିନ୍ତୁ ଚାକଚକ୍ୟ ଭରା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଡାକ୍ତର ନିଯୁକ୍ତି ନ କରି ଜଣେ ଆୟୁଷ ଡାକ୍ତରଙ୍କ ହାତରେ ରୋଗୀସେବାକୁ ସମର୍ପି ଦେଲେ। ଅନ୍ୟପକ୍ଷରେ ଜଣେ ମାତ୍ର ଏଲୋପାଥିକ ଡାକ୍ତର ନିଯୁକ୍ତି କରାଯାଇଥିଲେ ମଧ ସେ ବାବୁ ନିୟମିତ ଭାବରେ ଡାକ୍ତରଖାନାକୁ ଆସୁନଥିବା ଅଭିଯୋଗ ହେଉଛି। କାକଟପୁର ଜନସାଧାରଣ ବାରମ୍ବାର ଅଭିଯୋଗ କରି ଧାରଣା ଧର୍ମଘଟ କଲେ ମଧ ସ୍ଥାନୀୟ ଜନପ୍ରତିନିଧି ,ସରକାର କିମ୍ବା ପ୍ରଶାସନ ଦୃଷ୍ଟି ଦେଉନାହାନ୍ତି। ଷ୍ଟାଫ୍ ନର୍ସ,ସିକ୍ୟୁରୀଟି ସହ ସମସ୍ତ କର୍ମଚାରୀ ଥିଲେ ମଧ ଡାକ୍ତର ଆସୁନଥିବାରୁ ସେମାନେ ସାମୟିକ ଭାବରେ ଆସି ଆଟେଣ୍ଡାଣ୍ଟ ରେଜିଷ୍ଟ୍ରାରରେ ହସ୍ତାକ୍ଷର କରି ପଳାନ୍ତି। ଫଳରେ ସନ୍ଧ୍ୟା ହେଲେ ଡାକ୍ତରଖାନା ପରୀସରରେ ଚାଲେ ମଦର ଆସର।ଗ୍ରାମଅଞ୍ଚଳରୁ ଆସୁଥିବା ରୋଗୀମାନେ ସରକାରୀ ସୁବିଧା ନପାଇ ବାଧ ହୋଇ ପ୍ରାଇଭେଟ୍ କିତ୍ସାଳୟରେ ଚିକିତ୍ସିତ ହେବାକୁ ବାଧ ହୁଏ। ନୂତନ ସରକାର ଆସିବା ଫଳରେ ପୁରାତନ ନାମ ଫଳରେ ପରିବର୍ତ୍ତନ କରି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କାକଟପୁର, କରିଦେଲେ ସିନା କିନ୍ତୁ ରୋଗୀ ସେବା କିପରି ହେବ ସେଥିପ୍ରତି ଧ୍ୟାନ ଦେଲେ ନାହିଁ। କେବଳ ଯେ ନାମରେ ପରିବର୍ତ୍ତନ କରିଦେଲେ ରୋଗୀଙ୍କ କଷ୍ଟ ଲାଘବ ହେବ ନାହିଁ ସେଥିପାଇଁ ଡାକ୍ତର ନିଯୁକ୍ତି କରି ନିୟମିତ ରୋଗୀଙ୍କୁ ସେବା ଯୋଗାଇ ଦେବା ଉପରେ ଗୁରୁତ୍ୱ ଦେବାକୁ କାକଟପୁର ଜନସାଧାରଣ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଠାରେ ଦାବି କରିଛନ୍ତି।



# ଆରମ୍ଭ ହେଲା ସ୍ୱତନ୍ତ୍ର ଓଜେଇଇ ପରୀକ୍ଷା

**ଜୁଲାଇ ପ୍ରଥମ ସପ୍ତାହରେ କାଉନ୍ସେଲିଂ**

**ଭୁବନେଶ୍ୱର, ୨୪।୬(ସମିସ):** ସ୍ୱତନ୍ତ୍ର ଓଡ଼ିଶା ଯୁଗ୍ମ ପ୍ରବେଶିକା ପରୀକ୍ଷା (ଓଜେଇଇ) ସୋମବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନର ୩ଟି ସିଫ୍ଟରେ ବି.ଟେକ୍ ପାଇଁ ପରୀକ୍ଷା ହୋଇଥିଲା। ୨୫ ତାରିଖରେ ଦୁଇଟି ସିଫ୍ଟରେ ଏମ୍‌ବିଏ ଏବଂ ଗୋଟିଏ ସିଫ୍ଟରେ ବି.ଫାର୍ମା ଓ ଲାଟେରାଲ ଏଣ୍ଟ୍ରି ଟେକ୍ ବିଏସ୍‌ସି ପରୀକ୍ଷା ହେବ। ସେହିପରି ୨୬ ତାରିଖରେ ଦୁଇଟି ସିଫ୍ଟରେ ଲାଟେରାଲ ଏଣ୍ଟ୍ରି ଟେକ୍ ଓ ଗୋଟିଏ ସିଫ୍ଟରେ ଏମ୍‌ସିଏ ପାଇଁ ପରୀକ୍ଷା ହେବ। ଏହି ପରୀକ୍ଷା ପାଇଁ ମୋଟ୍ ୩୩ ହଜାର ୬୮୦ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି। ରାଜ୍ୟରେ ୪୮ଟି ଓ ରାଜ୍ୟ ବାହାରେ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଛି। ପ୍ରଥମ ପର୍ଯ୍ୟାୟ ଓଜେଇଇ କାଉନସେଲିଂ ଶେଷ ହେବା ପରେ ବଳକା ସିଟ୍‌ରେ ନାମ ଲେଖାଇବା ପାଇଁ ଏହି ସ୍ୱତନ୍ତ୍ର ଓଜେଇଇ ରାଙ୍କ କାମ କରିବ। ସଂପ୍ରତି ରାଜ୍ୟରେ ଥିବା ସରକାରୀ ଓ ଘରୋଇ କଲେଜରେ ବି.ଟେକ୍ ଓ ବିଫାର୍ମାର ଲାଟେରାଲ ଏଣ୍ଟ୍ରି ପାଠ୍ୟକ୍ରମରେ ନାମଲେଖା ଲାଗି କାଉନସେଲିଂ ପ୍ରକ୍ରିୟା ଆରମ୍ଭ ହୋଇଛି। ମଙ୍ଗଳବାର ଅପରାହ୍ନ ୫ଟାରେ ମକ୍ ସିଟ୍ ଆଲଟମେଣ୍ଟ ତାଲିକା ପ୍ରକାଶ ପାଇବ। ଜୁନ୍ ୩୦ ଅପରାହ୍ନ ୫ଟା ମଧ୍ୟରେ ତଥ୍ୟ ଯାଞ୍ଚ କରିବା ସହ ସିଟ୍ ବୈଧତା ଯାଞ୍ଚ କରାଯିବ। ଜୁଲାଇ ୧ରେ ପ୍ରଥମ ରାଉଣ୍ଡ ସିଟ୍ ଆଲଟମେଣ୍ଟ ପ୍ରକାଶ ପାଇବ। ସେହିପରି ବିଟେକ୍, ଏମ୍‌ଟେକ୍, ଏମ୍‌ବିଏ, ଏମ୍‌ସିଏ ଆଦି ପାଠ୍ୟକ୍ରମରେ ନାମଲେଖା ପାଇଁ ଜୁଲାଇ ପ୍ରଥମ ସପ୍ତାହରେ କାଉନସେଲିଂ ଆରମ୍ଭ ହେବ ବୋଲି ଓଜେଇଇ ଅଧ୍ୟକ୍ଷ ଡିପି ଶତପଥୀ ସୂଚନା ଦେଇଛନ୍ତି।

# ଦେବୀ ପ୍ରସାଦ ମିଶ୍ର ମୁଖ୍ୟମନ୍ତ୍ରୀଙ୍କ ଡେପୁଟି ସେକ୍ରେଟାରୀ

**ଭୁବନେଶ୍ୱର,୨୪।୬(ସମିସ):** ଆଉ ଜଣେ ଓଏଏସ୍ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ କରାଯାଇଛି। ସେ ହେଉଛନ୍ତି ନଗର ଉନ୍ନୟନ ବିଭାଗରେ ଡେପୁଟି ସେକ୍ରେଟାରୀ ଭାବେ କାର୍ଯ୍ୟରତ ଦେବୀ ପ୍ରସାଦ ମିଶ୍ର। ଏଣିକି ସେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଡେପୁଟି ସେକ୍ରେଟାରୀ ଭାବେ କାର୍ଯ୍ୟ କରିବେ। ଏହା ପୂର୍ବରୁ ଦୁଇଜଣ ଓଏଏସ୍ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ନିଯୁକ୍ତ କରାଯାଇଛି।

# ବର୍ଷାଙ୍କ ଅଦାଲତ ଅବମାନନା ମାମଲା ଶୁଣାଣିରେ ପୂର୍ଣ୍ଣଚ୍ଛେଦ

**କଟକ, ୨୪।୬(ସମିସ):** ଅଭିନେତା ତଥା ପୂର୍ବତନ ସାଂସଦ ଅନୁଭବ ମହାନ୍ତିଙ୍କ ବିରୋଧରେ ୨୦୨୨ରେ ବର୍ଷା ପ୍ରିୟଦର୍ଶିନୀ ଦାୟର କରିଥିବା ଅଦାଲତ ଅବମାନନା ମାମଲାର ଶୁଣାଣିରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଆଜି ମାମଲାର ଶୁଣାଣି ବେଳେ ଏହି ମାମଲାରେ ଆଉ ଆଗେଇବାକୁ ଚାହୁଁନଥିବା ନେଇ ବର୍ଷାଙ୍କ ତରଫରୁ ଦର୍ଶାଯାଇଥିଲା। ଏଣୁ ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ବର୍ଷାଙ୍କ ପକ୍ଷରୁ ଦାୟର ଅଦାଲତ ଅବମାନନା ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ପ୍ରକାଶଥାଉକି ହାଇକୋର୍ଟଙ୍କ ୨୦୨୨ ମେ' ୨୭ର ନିର୍ଦ୍ଦେଶକୁ ଅବମାନନା କରି ଅନୁଭବ ବର୍ଷାଙ୍କ ବିରୋଧରେ ସୋସିଆଲ୍ ମିଡିଆରେ ସମ୍ମାନ କ୍ଷୁଣ୍ଣ ହେବା ଭଳି ଭିଡିଓ ଓ ପୋଷ୍ଟ ଭାଇରାଲ୍ କରିବା ଘଟଣାକୁ ନେଇ ବର୍ଷା ଏହି ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ।

● ପ୍ରାଥମିକ ସ୍କୁଲଗୁଡ଼ିକର ଅବ୍ୟବସ୍ଥା ମାମଲା ଶୁଣାଣି ୨୬ରେ

# ସତ୍ୟପାଠ ଦାଖଲ ପାଇଁ ସରକାରଙ୍କୁ ନିର୍ଦ୍ଦେଶ

**କଟକ, ୨୪।୬(ସମିସ):** ପ୍ରାଥମିକ ସ୍କୁଲଗୁଡ଼ିକରେ ବ୍ୟାପକ ଅବ୍ୟବସ୍ଥା ତଥା ଛାତ୍ରଛାତ୍ରୀଙ୍କ ପାଇଁ ମୌଳିକ ସୁବିଧା ଉପଲବ୍ଧ କରାଯାଉନଥିବା ପ୍ରସଙ୍ଗରେ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ବିଦ୍ୟାଳୟଗୁଡ଼ିକରେ ନାମ ଲେଖାଉଥିବା ଛାତ୍ରଛାତ୍ରୀ ଓ ଅଧାରୁ ପାଠ ଛାଡୁଥିବା ଛାତ୍ରଛାତ୍ରୀଙ୍କ ତଥ୍ୟ ସାର୍ବଜନୀନ କରିବା ପାଇଁ ଆମିକସ୍‌କ୍ୟୁରୀଙ୍କ ପକ୍ଷରୁ ଦାଖଲ ଫର୍ମାଟ ଅନୁସାରେ ସତ୍ୟପାଠ ଦେବାକୁ ପୂର୍ବରୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ସତ୍ୟପାଠ ଦାଖଲ ହୋଇ ନଥିବାରୁ ଆସନ୍ତା ୨୬ ସୁଦ୍ଧା ସତ୍ୟପାଠ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ ଚକ୍ରଧାରୀ ଶରଣ ସିଂହ ଓ ଜଷ୍ଟିସ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ହାଇକୋର୍ଟ ଆଇନସେବା କମିଟି ପକ୍ଷରୁ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି କରି ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ବିଶେଷକରି ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତଥ୍ୟ ଉପଲବ୍ଧ କରାଯିବା ପ୍ରସଙ୍ଗରେ ଏହି ସତ୍ୟପାଠ ଦାଖଲ କରିବେ ରାଜ୍ୟ ସରକାର। ଆସନ୍ତା ୨୬କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି।

ପ୍ରକାଶଥାଉକି ଆମିକସ୍‌କ୍ୟୁରି ଦାଖଲ କରିଥିବା ଦୁଇଟି ଫର୍ମାଟର କପି ସରକାରଙ୍କୁ ପ୍ରଦାନ କରାଯାଇଥିଲା ବେଳେ ଏହି ଫର୍ମାଟରେ ସଂଶୋଧନ ଆବଶ୍ୟକ ବା ନୁହେଁ; ସେ ନେଇ ଅବଗତ କରିବାକୁ ରାଜ୍ୟ ସରକାରଙ୍କୁ ମେ' ୧୫ରେ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାମଲାରୁ ପ୍ରକାଶ ଯେ ରାଜ୍ୟର ବିଭିନ୍ନ ସରକାରୀ ପ୍ରାଥମିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଇଁ ପିଇବାଯୋଗ୍ୟ ପାଣି, ଛାତ୍ର ଓ ଛାତ୍ରୀଙ୍କ ପାଇଁ ପୃଥକ୍ ଟଏଲେଟ, ବିଭିନ୍ନ ଶ୍ରେଣୀ ପାଇଁ ପୃଥକ୍ କ୍ଲାସରୁମ୍, ବେଞ୍ଚଡେସ୍କ, ବିଦ୍ୟୁତ ସଂଯୋଗ ନଥିବା ଅଭିଯୋଗରେ ଏହି ମାମଲା ରୁଜୁ ହୋଇଥିଲା। ଆମିକସ୍‌କ୍ୟୁରି ବରିଷ୍ଠ ଆଇନଜୀବୀ ପ୍ରଫୁଲ୍ଲ କୁମାର ରଥ ମାମଲା ପରିଚାଳନା କରୁଛନ୍ତି।

● ସମୀକ୍ଷା ବେଳେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରାଇଲେ ଜିଲ୍ଲାପାଳ

# ମନୁଷପଦରରେ ଡିପ୍‌ଥେରିଆ ନିୟନ୍ତ୍ରଣାଧୀନ; ବଢୁନି ଆକ୍ରାନ୍ତଙ୍କ ସଂଖ୍ୟା

**ରାୟଗଡ଼ା, ୨୪।୬(ସମିସ):** ରାୟଗଡ଼ା ଜିଲ୍ଲା କାଶୀପୁର ବ୍ଲକ୍ ଅନ୍ତର୍ଗତ ମନୁଷପଦରରେ ଡିପଥେରିଆ ନିୟନ୍ତ୍ରଣାଧୀନ ହୋଇଛି। ଗତ ଜୁନ୍ ୧୫ ତାରିଖ ପରଠାରୁ ଆଉ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିନି। ସୋମବାର ଆଭାସୀ ମାଧ୍ୟମରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଡିପ୍‌ଥେରିଆ ସ୍ଥିତି ସମ୍ପର୍କରେ ସମୀକ୍ଷା କରିବା ବେଳେ ରାୟଗଡ଼ା ଜିଲ୍ଲାପାଳ ମନୋଜ ସତ୍ୟବାନ୍ ମହାଜନ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଲାଲମୋହନ ରାଉତରାୟ ଏହି ସୂଚନା ଦେଇଛନ୍ତି। କାଶୀପୁର ବ୍ଲକର ୧୮ଟି ଗ୍ରାମରେ ଡିପଥେରିଆ ରୋଗର ପ୍ରତିଷେଧକ ଟିକାକରଣ ଜାରି ରହିଥିବା ଏବଂ ୮୦ଟି ଅପହଞ୍ଚ ଗ୍ରାମଗୁଡ଼ିକରେ ମଧ୍ୟ ଏହି ଟିକାକରଣର ସ୍ୱତନ୍ତ୍ର ଅଭିଯାନକୁ ସଫଳ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ମହାଜନ୍ ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମହାଲିଙ୍ଗଙ୍କୁ ଜଣାଇଥିଲେ। ଅଦ୍ୟାବଧି ୬୧୭ ଜଣଙ୍କୁ ଟିକାକରଣ କରାଯାଇଥିବା ମଧ୍ୟ ଜିଲ୍ଲାପାଳ ଜଣାଇଛନ୍ତି। ରୋଗ ବ୍ୟାପିବା ରୋକିବା ପାଇଁ ଅତିରିକ୍ତ ସ୍ୱାସ୍ଥ୍ୟ ସୁବିଧା ଯୋଗାଇ ଦିଆଯିବା ପାଇଁ ମନ୍ତ୍ରୀ ନିର୍ଦ୍ଦେଶ ଦେବା ସହ ବିଶୁଦ୍ଧ ପାନୀୟ ଜଳ ଟ୍ୟାଙ୍କର ଦ୍ୱାରା ଅପହଞ୍ଚ ଅଞ୍ଚଳକୁ ଯୋଗାଇଦେବା ଏବଂ ଜନସାଧାରଣ ଯେମିତି ଭୟଭୀତ ନ ହେବେ ସେଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ଅଣସରରେ ମହାପ୍ରଭୁଙ୍କ ମାନବୀୟ ଲୀଳା

**ଆଜି ଶ୍ରୀଅଙ୍ଗ ଫିଟା ନୀତି**

**ପୁରୀ, ୨୪।୬(ସମିସ):** ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ୧୦୮ ଗଡ଼ୁ ଜଳରେ ସ୍ନାନ କରିବା ପରେ ଜ୍ୱରରେ ପଡ଼ିଛନ୍ତି ମହାପ୍ରଭୁ। ଅଣସର ଘରେ ଶ୍ରୀଅଙ୍ଗଲାଗି ସେବକ ଦଇତାପତିମାନେ ଠାକୁରଙ୍କ ଗୁପ୍ତସେବା କରୁଛନ୍ତି। ତେବେ ସାଧାରଣ ମଣିଷଟିଏ ଯଦି ଅସୁସ୍ଥ ହୁଏ ତାଙ୍କୁ ଯେଉଁଭଳି ଚିକିତ୍ସା କରାଯାଏ ବର୍ତ୍ତମାନ ଦାରୁଦିଅଁଙ୍କ ସେହିଭଳି ଉପଚାର ଚାଲିଛି।

ବରିଷ୍ଠ ଦଇତାପତି ସେବକ ରାମଚନ୍ଦ୍ର ଦାସହମାପାତ୍ରଙ୍କ ସୂଚନା ମୁତାବକ, ଅସୁସ୍ଥ ମଣିଷ ହସ୍ପିଟାଲରେ ଚିକିତ୍ସିତ ସମୟରେ ଯେଉଁଭଳି ବସ୍ତ୍ର ପରିଧାନ କରନ୍ତି, ଠାକୁର ଏବେ ସେହିଭଳି ବସ୍ତ୍ର ପିନ୍ଧିଛନ୍ତି। ପାଟ ପୀତାମ୍ବରୀ ବସ୍ତ୍ର ଏବଂ ଅଳଙ୍କାର ପରିତ୍ୟାଗ କରି ଜଣେ ଅସୁସ୍ଥଙ୍କ ପରି ଅଣସର ଘରେ କାଠକୁ ଆଉଜି ରହିଛନ୍ତି। ଶ୍ରୀଅଙ୍ଗରେ କେବଳ ଖଣ୍ଡିଏ ଧଳା ସୂତାବସ୍ତ୍ର ରହିଛି। ରୋଗରେ ପଡ଼ିଲେ ମଣିଷ ଯେପରି କୌଣସି କଠିନ ଖାଦ୍ୟ ବା ଅନ୍ନ ଇତ୍ୟାଦି ଖାଆନ୍ତି ନାହିଁ, ଠାକୁରଙ୍କ ପାଖରେ ମଧ୍ୟ ସେହିପରି ଭୋଗ ଲାଗୁ ନାହିଁ। ରୋଗୀ ଯେମିତି ଫଳମୂଳ ଖାଇଥା'ନ୍ତି, ଦରୁବିଗ୍ରହଙ୍କୁ ସେହିପରି ଧୁଆମୁଗ, ଛେନା ଚକଟା, ପଣସ, ପିଜୁଳି, ସପୁରୀ, ଅଙ୍ଗୁର, ଆମ୍ବ ପ୍ରଭୃତି ଫଳ ଲାଗି କରାଯାଉଛି। ଅସୁସ୍ଥ ବ୍ୟକ୍ତିଙ୍କୁ ଗ୍ଲୁକୋଜ, ଇଲେକ୍ଟ୍ରୋରାଲ ପାଣି ଦିଆଯିବା ଭଳି ଠାକୁରଙ୍କୁ ସର, କ୍ଷୀର, ଅଳେଇଚ ଓ କର୍ପୂର ପଡ଼ିଥିବା ପଣା ଦିଆଯାଉଛି। ସମ୍ପୂର୍ଣ୍ଣ ଭାବେ ଜ୍ୱର ଛାଡ଼ିବା ପର୍ଯ୍ୟନ୍ତ ଦଇତାପତି ସେବକମାନେ ଏହିପରି ମହାପ୍ରଭୁଙ୍କ ସେବା କରିଥା'ନ୍ତି। ଦୈନନ୍ଦିନ ଦୁଇଥର ମହାପ୍ରଭୁଙ୍କ ଉପଚାର ଚାଲିଛି। ମଧ୍ୟାହ୍ନ ଧୂପ ସରିବା ପରେ ଏବଂ ସନ୍ଧ୍ୟା ଧୂପ ସରିବା ପରେ ଅଣସର ଘର ଖୋଲାଯାଏ। ଦଇତାପତି ପରିବାରର ଛୋଟଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଗୋଷ୍ଠୀଗତ ଭାବେ ପ୍ରତ୍ୟେହ ମହାପ୍ରଭୁଙ୍କ ସେବାରେ ନିୟୋଜିତ ହୋଇଥା'ନ୍ତି। ତେବେ ମଙ୍ଗଳବାର ଚତୁର୍ଥୀରେ ଶ୍ରୀଅଙ୍ଗ ଫିଟା ନୀତି ସମ୍ପନ୍ନ ହେବ। ବର୍ଷସାରା ଲାଗିଥିବା ଚନ୍ଦନ, କରାଳ ଆଦି ବସ୍ତ୍ର ଫିଟା ଯିବ।

# ଗୁଇନ୍ଦା ମୁଖ୍ୟଙ୍କ କାର୍ଯ୍ୟକାଳ ବର୍ଷେ ବଢ଼ିଲା

**ନୂଆଦିଲ୍ଲୀ,୨୪।୬(ଏଜେନ୍ସି):** ଭାରତୀୟ ଗୁଇନ୍ଦା ବ୍ୟୁରୋ ମୁଖ୍ୟ ତପନ କୁମାର ଡେକାଙ୍କ କାର୍ଯ୍ୟକାଳ ଆଉ ବର୍ଷେ ବୃଦ୍ଧି କରାଯାଇଛି। ତାଙ୍କର କାର୍ଯ୍ୟକାଳ ଚଳିତ ମାସ ୩୦ ତାରିଖରେ ଶେଷ ହେବାକୁ ଯାଉଥିଲା ବେଳେ ଏହା ପୂର୍ବରୁ କେନ୍ଦ୍ର ସରକାର ଆଉ ବର୍ଷେ ବୃଦ୍ଧି କରିଛନ୍ତି। ଏଥିପାଇଁ କେନ୍ଦ୍ର ନିଯୁକ୍ତି କ୍ୟାବିନେଟ୍ କମିଟି ସୋମବାର ଅନୁମୋଦନ ଦେଇଛି। ଉଲ୍ଲେଖଯୋଗ୍ୟ, ୧୯୮୮ ବ୍ୟାଚ୍ ହିମାଚଳପ୍ରଦେଶ କ୍ୟାଡର ଆଇପିଏସ ଡେକା ଆତଙ୍କବାଦ ନିରୋଧ ବିଶେଷଜ୍ଞ ଭାବେ ବେଶ ପରିଚିତ। କାଶ୍ମୀରରେ ମୁଜାହିଦ୍ଦିନ ଆତଙ୍କବାଦୀ ଓ ବିଚ୍ଛିନ୍ନତାବାଦୀ ଉଗ୍ରପନ୍ଥୀଙ୍କୁ ନିର୍ମୂଳ କରିବା ଏବଂ ଉତ୍ତର ପୂର୍ବ ରାଜ୍ୟମାନଙ୍କରେ ଆତଙ୍କବାଦ ବିରୋଧରେ ତାଙ୍କର ରଣନୀତି ସଫଳ ସାବ୍ୟସ୍ତ ହୋଇଛି।

# ଆଉ ୪ ଜିଲ୍ଲାରେ ପ୍ରତିଷ୍ଠା ହେବ ବଜ୍ରପାତ ସତର୍କ ନେଟ୍‌ୱାର୍କ କେନ୍ଦ୍ର

**ଭୁବନେଶ୍ୱର, ୨୪।୬ (ସମିସ):** ଓଡ଼ିଶାରେ ବଜ୍ରପାତ ଓ ଝଡ଼ ପୂର୍ବାନୁମାନ ଅଧ୍ୟୟନ ନିମନ୍ତେ ମିଳିତ ଭାବରେ କାର୍ଯ୍ୟ କରିବା ନିମନ୍ତେ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଏବଂ ପୁଣେସ୍ଥିତ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟ୍ରପିକାଲ୍ ମେଟିଓରୋଲୋଜି (ଆଇଆଇଟିଏମ୍) ମଧ୍ୟରେ ୫ବର୍ଷ ପୂର୍ବରୁ ହୋଇଥିବା ବୁଝାମଣାପତ୍ରର ସୋମବାର ନବୀକରଣ କରାଯାଇଛି। ଏହି ବୁଝାମଣା ଅନୁଯାୟୀ, ଓଡ଼ିଶାରେ ସୋଆ ଦ୍ୱାରା କାର୍ଯ୍ୟକାରୀ ବଜ୍ରପାତ ସତର୍କ ନେଟ୍‌ୱାର୍କ ୪ଟି ସ୍ଥାନରୁ ୮ଟି ସ୍ଥାନକୁ ବର୍ଦ୍ଧିତ କରାଯାଇ ୧୦୦ କିମି ପରିସୀମା ମଧ୍ୟରେ ବଜ୍ରପାତର ପୂର୍ବାନୁମାନକୁ ତ୍ୱରାନ୍ୱିତ କରିବାରେ ଆଇଆଇଟିଏମ୍ ସହଯୋଗ କରିବ। ଏହି ବୁଝାମଣାପତ୍ରରେ ଆଇଆଇଟିଏମ୍‌ର ନିର୍ଦ୍ଦେଶକ ଡକ୍ଟର ଆର୍. କ୍ରିଷ୍ଣନ୍ ଓ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ସ୍ୱାକ୍ଷର କରିଥିଲେ। ଓଡ଼ିଶାରେ ବଜ୍ରପାତ ସତର୍କ ନେଟ୍‌ୱାର୍କ ବର୍ତ୍ତମାନ ଭୁବନେଶ୍ୱର, ବାଲେଶ୍ୱର, ସମ୍ବଲପୁର ଓ ରାୟଗଡ଼ାରେ କାର୍ଯ୍ୟକ୍ଷମ ଥିବା ବେଳେ ବ୍ରହ୍ମପୁର, କେନ୍ଦୁଝର, ବଲାଙ୍ଗୀର ଓ ଅନୁଗୁଳରେ ନୂତନ କେନ୍ଦ୍ର ଅବସ୍ଥାପିତ କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ବଜ୍ରପାତ ଓ ଘଡ଼ଘଡ଼ି ସହ ଝଡ଼ ସମ୍ପର୍କିତ ଅନେକ ଗବେଷଣା କାର୍ଯ୍ୟରେ ସୋଆ ଓ ଆଇଆଇଟିଏମ୍ ପୁଣେ ବର୍ତ୍ତମାନ ନିୟୋଜିତ ଅଛନ୍ତି। ସେହିପରି ଏହି ଦୁଇଟି ଅନୁଷ୍ଠାନ ବାୟୁମଣ୍ଡଳର ସ୍ଥିତି ଆକଳନ କରି ଓଡ଼ିଶାର ବିଭିନ୍ନ ବ୍ଲକରେ ଝଡ଼ ଓ ବଜ୍ରପାତର ସଫଳ ପୂର୍ବାନୁମାନ କରିପାରୁଛନ୍ତି। ବୁଝାମଣା ଅନୁଯାୟୀ ରାଜ୍ୟର ବିଭିନ୍ନ ବ୍ଲକ ଓ ଗ୍ରାମପଞ୍ଚାୟତରେ ଝଡ଼ ଓ ବଜ୍ରପାତ ପୂର୍ବରୁ ଜନସାଧାରଣଙ୍କୁ ସତର୍କ କରିବା ସହ ପଶ୍ଚିମ ଓଡ଼ିଶାରେ ହଠାତ୍ ଉପୁଜୁଥିବା ମରୁଡ଼ି ପରିସ୍ଥିତି ବିଷୟରେ ପୂର୍ବରୁ ସୂଚନା ଦେବା ନିମନ୍ତେ ସୋଆ ଓ ଆଇଆଇଟିଏମ୍ ମିଳିତ ଭାବେ କାର୍ଯ୍ୟ କରିବେ। ଏଥିରେ ଭୁବନେଶ୍ୱରସ୍ଥିତ ଭାରତୀୟ ପାଣିପାଗ ବିଭାଗର ସହଯୋଗ ନିମନ୍ତେ ମଧ୍ୟ ଉଦ୍ୟମ କରାଯିବ। ସୋଆରେ ଏକ ପରିବେଶ ଏବଂ ଜଳବାୟୁ କେନ୍ଦ୍ର ପ୍ରତିଷ୍ଠା କରାଯାଇଥିବା ବେଳେ ଜଳବାୟୁ ଏବଂ କୃଷି କ୍ଷେତ୍ରରେ ଏହାର ପ୍ରଭାବ ସମ୍ପର୍କିତ ଗବେଷଣା ନିମନ୍ତେ ସେଣ୍ଟର ଫର୍ କ୍ଲାଇମେଟ ସ୍ମାର୍ଟ ଏଗ୍ରିକଲ୍‌ଚର ମଧ୍ୟ ପ୍ରତିଷ୍ଠା କରାଯାଇଛି।

# ରାଜ୍ୟରେ ୨.୫ କୋଟି ଗଛ ଲଗାଇବେ ମିଶନ ଶକ୍ତି ମହିଳା

■ ଆରମ୍ଭ ହେବ ସ୍ପେଶାଲ ଡ୍ରାଇଭ୍ 'ଏକ ପେଡ୍ ମା' କେ ନାମ୍'
■ ସବୁ ଜିଲ୍ଲାପାଳଙ୍କୁ ଚିଠି ଲେଖିଲେ ମିଶନ ଶକ୍ତି ଯୁଗ୍ମ ସଚିବ
■ ସପ୍ତାହ ମଧ୍ୟରେ ଆରମ୍ଭ ହେବ ଚାରାରୋପଣ

ଭୁବନେଶ୍ୱର, ୨୪।୬(ସମିସ): 'ଏକ ପେଡ୍ ମା କେ ନାମ୍' କାର୍ଯ୍ୟକ୍ରମ ମାଧ୍ୟମରେ ଆସନ୍ତା ସପ୍ତାହକ ମଧ୍ୟରେ ରାଜ୍ୟରେ ଅଢ଼େଇ କୋଟି ଗଛ ଲଗାଯିବ। ମିଶନ୍ ଶକ୍ତିର ମା'ମାନେ ଏହି ଚାରାରୋପଣ କରିବେ। ଏଥିପାଇଁ ରାଜ୍ୟର ସମସ୍ତ ଜିଲ୍ଲାପାଳଙ୍କୁ ମିଶନ୍ ଶକ୍ତି ବିଭାଗ ପକ୍ଷରୁ ଚିଠି ଲେଖାଯାଇଛି। ଚଳିତବର୍ଷ ବିଶ୍ୱ ପରିବେଶ ଦିବସ ଅବସରରେ ଭାରତର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ଏକ ପେଡ୍ ମା କେ ନାମ୍' (ମା'ଙ୍କ ନାମରେ ଗଛଟିଏ) ଅଭିଯାନ ଓଡ଼ିଶାରେ ଆରମ୍ଭ କରାଯିବ। ଜିଲ୍ଲା, ବ୍ଲକ, ପଞ୍ଚାୟତ, ଗ୍ରାମ ତଥା ସହରାଞ୍ଚଳ ୱାର୍ଡରେ ଏହି ଅଭିଯାନ ଅଧୀନରେ ଚାରା ରୋପଣ କରିବେ ମିଶନ୍ ଶକ୍ତି ମହିଳା। ଏହି ସ୍ୱତନ୍ତ୍ର ଅଭିଯାନର ଉଦ୍ଦେଶ୍ୟ ହେଉଛି ମିଶନ୍ ଶକ୍ତିସଦସ୍ୟଙ୍କ ଦ୍ୱାରା ଅତି କମ୍‌ରେ ୨.୫ କୋଟି ଗଛ ଲଗାଇବା। ଏସଏଚ୍‌ଜି ଏବଂ ସେମାନଙ୍କର ଫେଡେରେସନ୍ ସଦସ୍ୟ ଏବଂ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ (ସିଏସଏସ୍) ମାନେ ସ୍ୱେଚ୍ଛାସେବୀ ଭାବେ ଏହି ଉତ୍ତମ ପଦକ୍ଷେପରେ ଯୋଗଦେବେ।

ଏହି ଲକ୍ଷ୍ୟ ପୂରଣ କରିବାକୁ ସାତ ଦିନ ମଧ୍ୟରେ ବୃକ୍ଷରୋପଣ କାର୍ଯ୍ୟ କରିବା ପାଇଁ କ୍ୟାମ୍ପ ପଦ୍ଧତି ଅନୁସରଣ କରାଯିବ। ବୃକ୍ଷରୋପଣ କାର୍ଯ୍ୟକ୍ରମ ପାଇଁ ରଣନୀତି ପ୍ରସ୍ତୁତ କରିବାକୁ ପ୍ରକଳ୍ପସ୍ତରରେ ସକ୍ରିୟ ଏସ୍‌ଏଚ୍‌ଜି, ଫେଡେରେସନ୍ ନେତାଙ୍କ ସହ ଜଡ଼ିତ ଉଦ୍ୟାନକୃଷି, ଜଙ୍ଗଲ, ମୃତ୍ତିକା ସଂରକ୍ଷଣ, କୃଷି ଇତ୍ୟାଦିର ବିଡିଏ, ସିଡିପିଓ ଏବଂ ବ୍ଲକ୍‌ସ୍ତରର ଅଧିକାରୀମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯିବ। ବୃକ୍ଷରୋପଣ ପାଇଁ ଚାରା ଉପଲବ୍ଧତା ଉଦ୍ୟାନ କୃଷି, ଜଙ୍ଗଲ ଅଧିକାରୀ, ମୃତ୍ତିକା ସଂରକ୍ଷଣ, କୃଷି ଇତ୍ୟାଦି ସହିତ ସମନ୍ୱୟ ରକ୍ଷା କରାଯିବ। କମ୍ୟୁନିଟି ସପୋର୍ଟ ଷ୍ଟାଫ୍‌ଙ୍କ ସମେତ ବ୍ଲକ ସ୍ତରର ମିଶନ୍ ଶକ୍ତି ଅଧିକାରୀମାନେ ସ୍ୱତନ୍ତ୍ର ଡ୍ରାଇଭ୍ ତଦାରଖ କରିବେ। ସମସ୍ତ ବୃକ୍ଷରୋପଣ କାର୍ଯ୍ୟକ୍ରମ ସମ୍ପୃକ୍ତ ଏସ୍‌ଏଚ୍‌ଜି ସଦସ୍ୟଙ୍କ ମୋବାଇଲରେ କଏଦ୍ କରାଯିବ। ଏହାପରେ ସମସ୍ତ ଫଟୋଗ୍ରାଫ୍ ସଙ୍କଳନ କରାଯାଇ ଡକ୍ୟୁମେଣ୍ଟସନ୍ ପାଇଁ ବ୍ଲକ୍‌ସ୍ତରରେ ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯିବ। ଏହି ସମସ୍ତ ପ୍ରକ୍ରିୟାର ସୂଚନା ନିୟମିତ ଭାବେ 'ଆନେକ୍ସର-ଏ' ରେ ଅପଡେଟ୍ ହେବ। ଡକ୍ୟୁମେଣ୍ଟେସନ୍ ସହ ଏହି ପଦକ୍ଷେପ ପାଇଁ ସ୍ୱତନ୍ତ୍ର ଡ୍ରାଇଭ୍ ଜୁଲାଇ-୨୦୨୪ ଶେଷ ସୁଦ୍ଧା ଶେଷ ହେବ ଏବଂ ବିଭାଗକୁ ରିପୋର୍ଟ ପ୍ରଦାନ କରାଯିବ।

# କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉକ୍ତି ଓ ନୀତି ମଧ୍ୟରେ ସ୍ୱଷ୍ଟତା ରହୁନି: ଛାତ୍ର ବିଜେଡି

**ଏନ୍‌ଟିଏ ଅଧ୍ୟକ୍ଷଙ୍କୁ କାର୍ଯ୍ୟାନ୍ତର କରିବା ପର୍ଯ୍ୟାପ୍ତ ନୁହେଁ**

ଭୁବନେଶ୍ୱର, ୨୪।୬(ସମିସ): ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଉକ୍ତିକୁ ଦୃଢ଼ ନିନ୍ଦା କରିଛି ବିଜୁ ଛାତ୍ର ଜନତା ଦଳ। ସୋମବାର ଛାତ୍ର ବିଜେଡି ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହୋଇ ନ ଥିବା ପ୍ରଥମେ କେନ୍ଦ୍ର ଶିକ୍ଷାମନ୍ତ୍ରୀ କହିଥିଲେ। ପରେ ନିର୍ଦ୍ଦିଷ୍ଟ ଅଞ୍ଚଳରେ ପ୍ରଘଟ ହୋଇଥିବା କହିଲେ। କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଏହି ଦୁଇଟି ଉକ୍ତି ଓ ନୀତି ମଧ୍ୟରେ ସ୍ୱଷ୍ଟତା ରହୁନି। ନିଜ ବିଭାଗ ଉପରେ ମନ୍ତ୍ରୀଙ୍କ ଦଖଲ ଥିବା ମଧ୍ୟ ପ୍ରତୀୟମାନ ହେଉନାହିଁ। ସେ କୌଣସି ଦାୟିତ୍ୱ ନେଉ ନ ଥିବା ମଧ୍ୟ ଶ୍ରୀ ତ୍ରିପାଠୀ ଅଭିଯୋଗ କରିଛନ୍ତି। ଫଳରେ ଦେଶର ୩୪ଲକ୍ଷ ମେଧାବୀ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ମଧ୍ୟକୁ ଠେଲି ହୋଇ ଯାଇଛି। ଏହାକୁ ବିଜୁ ଛାତ୍ର ଜନତା ଦଳ ଦୃଢ଼ ଭାବେ ନିନ୍ଦା କରିଛି। କେନ୍ଦ୍ର ସରକାର ପ୍ରଶ୍ନପତ୍ର ପ୍ରଘଟ ନେଇ ସ୍ୱଷ୍ଟତା ଆଣିବା ପାଇଁ ବିଜୁ ଛାତ୍ର ଜନତା ଦଳ ଦାବି କରିଛି। ଶ୍ରୀ ତ୍ରିପାଠୀ ଆହୁରି କହିଛନ୍ତି ଯେ କେବଳ ଏନ୍‌ଟିଏ ନିର୍ଦ୍ଦେଶକଙ୍କୁ ହଟାଇଦେଲେ ବା କାହାକୁ ଜେଲ୍‌ରେ ପୂରାଇଦେଲେ ସମସ୍ୟାର ସମାଧାନ ହେବନି। ବରଂ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀଙ୍କୁ ଚିହ୍ନଟ କରି କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାର ଆବଶ୍ୟକତା ରହିଛି। ମେଧାବୀ ଛାତ୍ରଛାତ୍ରୀଙ୍କ ପୁନଃ ବିଶ୍ୱାସଭାଜନ ହେବାକୁ ଏନ୍‌ଟିଏ ଓ ଶିକ୍ଷାମନ୍ତ୍ରାଳୟ କାର୍ଯ୍ୟ କରୁ; ଅନ୍ୟଥା ବିଜୁ ଛାତ୍ର ଜନତା ଦଳ ଆନ୍ଦୋଳନକୁ ଓହ୍ଲାଇବ ଏବଂ ଓଡ଼ିଶାରେ ବିରାଟ ଛାତ୍ର ଆନ୍ଦୋଳନ ଗଢ଼ି ଉଠିବ ବୋଲି ସେ ଚେତାବନୀ ଦେଇଛନ୍ତି।

● ବାଣପୁର ବ୍ଲକରେ ବିଧାୟକ ଓ ସାଂସଦ ପାଣ୍ଠିରେ ଦୁର୍ନୀତିର ଗନ୍ଧ

# ସନ୍ଦେହଘେରରେ ୩ କୋଟି ୪୫ଲକ୍ଷ ଟଙ୍କାର କାମ

**୧୯ ଲକ୍ଷ ଟଙ୍କା ଅସୁଲି ନିର୍ଦ୍ଦେଶ**

**ବାଣପୁର, ୨୪।୬ (ସମିସ):** ବାଣପୁର ବ୍ଲକ୍‌ରେ ବିଧାୟକ ଓ ସାଂସଦ ପାଣ୍ଠିରେ ଦୁର୍ନୀତି ହୋଇଥିବା ଅଭିଯୋଗ ଉଠିଛି। ବିଶେଷକରି ୧ ସେପ୍ଟେମ୍ବର ୨୦୧୯ରୁ ୩୧ ମାର୍ଚ୍ଚ ୨୦୨୨ ମଧ୍ୟରେ ବିଧାୟକ ଓ ସାଂସଦ ପାଣ୍ଠିରୁ ଖର୍ଚ୍ଚ ହୋଇଥିବା ୩ କୋଟି ୪୫ଲକ୍ଷ ୯୩୦ ଟଙ୍କାର ବିଭିନ୍ନ କାମ ସନ୍ଦେହଘେରକୁ ଆସିଛି। ଚଳିତ ବର୍ଷ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ସ୍ପେସିଆଲ ଅଡିଟ୍ ରିପୋର୍ଟରୁ ଏହି ଦୁର୍ନୀତିର ଗନ୍ଧ ବାରି ହୋଇଛି। ଫାଇନାନ୍ସିଆଲ ଅଡିଟ୍ କମ ଆଡିସନାଲ ସେକ୍ରେଟାରୀ ରଞ୍ଜିତା ବେହେରା ବାଣପୁର ବିଡିଓଙ୍କୁ ଏନେଇ ଏକ ଚିଠି ଲେଖିଥିବା ଜଣାଯାଇଛି। ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ଚିଠି ନମ୍ବର ୧୨୬୧୬ରେ ଉପରୋକ୍ତ ୩ ବର୍ଷରେ ମଧ୍ୟରେ ବିଧାୟକ ଓ ସାଂସଦ ପାଣ୍ଠିରୁ ଖର୍ଚ୍ଚ ହୋଇଥିବା ୩କୋଟି ୪୫ଲକ୍ଷ ୯୩୦ଟଙ୍କାର ବିଭିନ୍ନ ଯୋଜନା ତଥା କାର୍ଯ୍ୟ ଉପରେ ପ୍ରଶ୍ନ ଉଠାଯିବା ସହ ସନ୍ଦେହ ପ୍ରକଟ କରାଯାଇଛି। ଅପରପକ୍ଷେ ନିଶ୍ଚିତ ଦୁର୍ନୀତି ହୋଇଥିବା ୧୯ ଲକ୍ଷ ୩୧ ହଜାର ୭୪୮ ଟଙ୍କା ଅସୁଲି ପାଇଁ ଅଡିଟ୍ ବିଭାଗକୁ ନିର୍ଦ୍ଦେଶ ଦେବା ସହ ଏକ ମାସ ମଧ୍ୟରେ ଏହି ଦୁର୍ନୀତିର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ସମସ୍ତ କାଗଜପତ୍ର ପଞ୍ଚାୟତିରାଜ ବିଭାଗକୁ ହସ୍ତାନ୍ତର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଡିଟ୍ ରିପୋର୍ଟର ଏକକିତା ନକଲ ଜିଲ୍ଲାପାଳଙ୍କୁ ପଠାଯାଇଛି। ଏ ସମ୍ପର୍କରେ ବାଣପୁର ବିଡିଓ ଶୀତଳ ଅଗ୍ରୱାଲଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇନଥିଲେ।

# ପ୍ରଥମରୁ ଅଷ୍ଟମ ପିଲାଙ୍କୁ ଏଯାଏ ମିଳିନି ସବୁ ବହି

**ଭୁବନେଶ୍ୱର, ୨୪।୬(ସମିସ):** ପ୍ରଥମରୁ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଏଯାଏ ମିଳିନି ବହି। ପିଲା ସଂଖ୍ୟା ତୁଳନାରେ କମ୍ ସଂଖ୍ୟାରେ ବହି ବିଦ୍ୟାଳୟକୁ ଆସିଛି। କିଛି ପିଲା ସାହିତ୍ୟ ବହି ପାଇଥିବା ବେଳେ ଆଉ କିଛି ଗଣିତ ପାଇଛନ୍ତି। ସମସ୍ତ ପିଲା ସବୁ ବହି ପାଇ ନଥିବାରୁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ପାଠ୍ୟପୁସ୍ତକର ଅଭାବ ନେଇ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ଚଳିତ ଶିକ୍ଷାବର୍ଷ ଆରମ୍ଭରୁ ବିଦ୍ୟାଳୟଗୁଡିକୁ ପାଠ୍ୟ ପୁସ୍ତକ ପ୍ରଦାନ କରାଯାଇଛି। ଏପ୍ରିଲ ଦ୍ୱିତୀୟ ସପ୍ତାହ ସୁଦ୍ଧା ସମସ୍ତ ବିଦ୍ୟାଳୟରେ ବହି ପହଞ୍ଚିଛି। ହେଲେ କିଛି ବିଦ୍ୟାଳୟରେ ପିଲା ସଂଖ୍ୟାଠାରୁ କମ୍ ବହି ପ୍ରଦାନ କରାଯାଇଛି। ଏଣୁ ଛାତ୍ରଛାତ୍ରୀଙ୍କୁ ସବୁ ବହି ମିଳିପାରିନି। କିଛି ଛାତ୍ରଛାତ୍ରୀ ଗଣିତ ପାଇଥିବା ବେଳେ ସାହିତ୍ୟ ପାଇନାହାନ୍ତି। ଆଉ କିଛି ସାମାଜିକ ପାଠ ପାଇଥିବା ବେଳେ ଇଂରାଜୀ ପାଇ ନାହାନ୍ତି। ଚଳିତ ଶିକ୍ଷାବର୍ଷ ଆରମ୍ଭ ହେବାକୁ ପ୍ରାୟ ୩ମାସ ବିତିଗଲାଣି। ଗ୍ରୀଷ୍ମାବକାଶ ପରେ ୧୮ ତାରିଖରୁ ବିଦ୍ୟାଳୟରେ ପାଠପଢ଼ା ମଧ୍ୟ ଆରମ୍ଭ ହେଲାଣି। ହେଲେ ପିଲାଙ୍କୁ ଏଯାଏଁ ବହି ମିଳି ନ ଥିବାରୁ ଅସନ୍ତୋଷ ବୃଦ୍ଧି ପାଉଛି। ଏ ସଂପର୍କରେ ସ୍କୁଲରେ ପଚାରିଲେ ବି ଠିକ୍‌ରେ ଉତ୍ତର ମିଳୁନି। ତୁରନ୍ତ ସବୁ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ବହି ଯୋଗାଇବାକୁ ଅଭିଭାବକମାନେ ଦାବି କରିଛନ୍ତି। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆୟାର୍ କହିଛନ୍ତି, ପୂର୍ବବର୍ଷର ପିଲା ସଂଖ୍ୟା ଅନୁସାରେ ସମୁଦାୟ ୪୫ଟି ବିଷୟରେ ବହି ଛପାଯାଇଛି। ଏହାର ବିତରଣ ପ୍ରକ୍ରିୟା ମଧ୍ୟ ସରିଛି। କିଛି ଶ୍ରେଣୀରେ ନୂଆ ପିଲା ନାମ ଲେଖାଇଥିବାରୁ ବହି ନିଅଣ୍ଟ ହୋଇଥାଇପାରେ। ବିଇଓ ଓ ଡିଇଓମାନେ ଏହାକୁ ତଦାରଖ କରୁଛନ୍ତି।

## ନାରାୟଣପାଟଣାରେ ଅଜଣା ରୋଗ ଆତଙ୍କ

# ସପ୍ତାହକରେ ମଲେଣି ୪

■ ଚିନ୍ତାରେ ସ୍ୱାସ୍ଥ୍ୟ ବିଭାଗ ■ ଆକ୍ରାନ୍ତଙ୍କ ଗାଁରେ ପହଞ୍ଚିଲା ସ୍ୱାସ୍ଥ୍ୟ ଓ ପ୍ରଶାସନ ଟିମ୍

**ନାରାୟଣପାଟଣା, ୨୪।୬(ସମିସ):** କୋରାପୁଟ ଜିଲ୍ଲାରେ ଅଜଣା ରୋଗକୁ ନେଇ ଆତଙ୍କ ଦେଖାଦେଇଛି। ବନ୍ଧୁଗାଁ ବ୍ଲକର କୁମ୍ଭାରୀପୁଟରେ ଜଣେ ନାବାଳକ ଦୁଇଦିନ ତଳେ ଡିପଥେରିଆରେ ପ୍ରାଣ ହରାଇବା ପରେ ଏବେ ନାରାୟଣପାଟଣାକୁ ଏହା ବ୍ୟାପିଥିବା ସନ୍ଦେହ କରାଯାଉଛି।



କିନ୍ତୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଏହା ଡିପଥେରିଆ ନହେଁ ବୋଲି ସ୍ପଷ୍ଟ କରିଛି। ଅନ୍ୟପକ୍ଷରେ ନାରାୟଣପାଟଣା ବ୍ଲକ୍ ବାଲିପେଟା ପଞ୍ଚାୟତ ଅନ୍ତର୍ଗତ ଗତିଗୁଡ଼ା ଗ୍ରାମରେ ଜ୍ୱରରେ ସପ୍ତାହକ ମଧ୍ୟରେ ୪ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ଏହାକୁ ନେଇ ଏବେ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡ଼ିଛି। କିଛି ଦିନ ତଳେ ଗତିଗୁଡ଼ା ଗ୍ରାମରେ ଦୁଇ ଜଣଙ୍କର ଏବଂ ୱାଡ଼ଖୋଲା ଗ୍ରାମରେ ଆଉ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ସୋମବାର ପୁଣି ଜଣେ କୋରାପୁଟ ମେଡିକାଲ କଲେଜରେ ପ୍ରାଣ ହରାଇଛନ୍ତି। ଏନେଇ ଗ୍ରାମରେ ଭୟର ବାତାବରଣ ଖେଳିଯାଇଛି। ଏହାବ୍ୟତୀତ ବର୍ତ୍ତମାନ ଆଉ ୬ ଜଣ ଏହି ଜ୍ୱରରେ ଆକ୍ରାନ୍ତ ଅଛନ୍ତି। ସମସ୍ତଙ୍କୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

ବର୍ତ୍ତମାନ ଗତିଗୁଡ଼ା ଗ୍ରାମରେ ଅଧିକାଂଶ ନାବାଳକ ନାବାଳିକାମାନେ ଜ୍ୱରରେ ଆକ୍ରାନ୍ତ ଥିବା ଜଣାପଡ଼ିଛି। ମାସେ ଧରି ଗ୍ରାମର ଅନେକ ପିଲା ଜ୍ୱରରେ ଆକ୍ରାନ୍ତ ହୋଇଥିବା ବେଳେ ଗ୍ରାମର ଗତିଗୁଡ଼ା ଗ୍ରାମର ଅନନ୍ତ ମାଉତାଙ୍କ ୬ବର୍ଷ ଶିଶୁପୁତ୍ର, ରାଉତ ମେଲେକାଙ୍କ ୮ବର୍ଷର ପୁଅ ଲାଜର ମେଲେକା, ୱାଡେକାଖୋଲା ଗ୍ରାମର ଆଡୁ ବାଡେକାଙ୍କ ୮ବର୍ଷର ପୁଅ ବିଜୁ ବାଡେକାଙ୍କ ପୂର୍ବରୁ ମୃତ୍ୟୁ ହୋଇଥିବା ବେଳେ ସୋମବାର କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲରେ ଗତିଗୁଡା ଗ୍ରାମର ବିଡି ନାସିକାଙ୍କ ୯ ବର୍ଷ ଝିଅର ମୃତ୍ୟୁ ହୋଇଛି। ୪ ଜଣଙ୍କ ଏଭଳି ମୃତ୍ୟୁ ପରେ ସ୍ୱାସ୍ଥ୍ୟ ବିଭାଗ ଚିନ୍ତାରେ ପଡ଼ିଛି।

ଅଜଣା ରୋଗରେ ୪ଜଣଙ୍କ ମୃତ୍ୟୁ ସହ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ବିଭାଗ ଚେତିବା ସହ ସୋମବାର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ଓ ପ୍ରଶାସନର ଟିମ୍ ଗତିଗୁଡା ଗ୍ରାମରେ ପହଞ୍ଚି ସ୍ଥିତିର ସମୀକ୍ଷା କରିଛନ୍ତି। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ୫ ଜଣିଆ ଟିମ୍ ସହ ସ୍ଥାନୀୟ ବିଡିଓ ପୀୟୂଷ କୁମାର ଲୋହାର, ନାରାୟଣପାଟଣା ମେଡିକାଲ ଅଫିସର ବିମଳ କୁମାର ବାଗ୍ ଗତିଗୁଡା ଗ୍ରାମରେ ପହଞ୍ଚି ଗ୍ରାମବାସୀ ସଚେତନ କରିବା ସହ ଭୟଭୀତ ନ ହେବାକୁ ପରାମର୍ଶ ଦେଇଛନ୍ତି। ଏଥିସହ ସ୍ୱାସ୍ଥ୍ୟ ବିଭାଗ ଟିମ୍ ଜ୍ୱର ଆକ୍ରାନ୍ତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ଜଣାପଡ଼ିଛି। ସ୍ଥାନୀୟ ମେଡିକାଲର ଟିମ୍ ସହ ଆଶାକର୍ମୀଙ୍କୁ ସେଠାରେ ନିୟୋଜିତ କରାଯିବା ସହ ସ୍ୱାସ୍ଥ୍ୟ ବିଭାଗ ସ୍ଥିତି ଉପରେ ନଜର ରଖିଥିବା ସୂଚନା ମିଳିଛି।

**ନୂତନ କାର୍ଯ୍ୟସ୍ଥଳରେ ଯୋଗ ଦେଉନାହାନ୍ତି ଶିକ୍ଷକ**

# ବଦଳି ପରେ ଛୁଟିରେ ରହିଲେ କାର୍ଯ୍ୟାନୁଷ୍ଠାନ: ମନ୍ତ୍ରୀ

**ଭୁବନେଶ୍ୱର,୨୪।୬(ସମିସ):** ବଦଳି ପରେ ନୂତନ ବିଦ୍ୟାଳୟକୁ ଯାଉନାହାନ୍ତି ଶିକ୍ଷକ; ବିଭିନ୍ନ ଆଳ କରି ଛୁଟିରେ ରହୁଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏପରି କରୁଥିବା ଶିକ୍ଷକଙ୍କ ବିରୋଧରେ ଏଣିକି କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ବିଦ୍ୟାଳୟକୁ ଯାଇ ଶିକ୍ଷାଦାନ କରିବାକୁ ସେ ଶିକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି। ଗଣମାଧ୍ୟକୁ ସେ ଆହୁରି କହିଛନ୍ତି, ବିଦ୍ୟାଳୟରେ ଉନ୍ନତ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ପାଇଁ କାର୍ଯ୍ୟ କରାଯିବ। ଶିକ୍ଷା ବ୍ୟବସ୍ଥା ସହ ଜଡ଼ିତ ସମସ୍ତ ସରକାରୀ ଯୋଜନାକୁ ତଳ ସ୍ତରରେ ପହଞ୍ଚାଇବାକୁ ସରକାର ପ୍ରତିବଦ୍ଧ। ଏହାସହ ରାଜ୍ୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ଖୁବ୍‌ଶୀଘ୍ର ପୂରଣ କରାଯିବ ବୋଲି ସେ କହିଛନ୍ତି। ପୂର୍ବରୁ ବହୁ ନକଲି ଶିକ୍ଷକ ଧରାପଡ଼ିଛନ୍ତି। ସେମାନଙ୍କ ବିରୋଧରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସେ କହିଛନ୍ତି।

ଜିଲ୍ଲାବାସୀଙ୍କୁ ମିଳୁନି ଉପଯୁକ୍ତ ରେଳସେବା

# ସିଟ୍ ମିଳୁନି; ଯନ୍ତ୍ରଣା ଭୋଗୁଛନ୍ତି ଯାତ୍ରୀ

ନୟାଗଡ଼, ୨୪।୬(ସମିସ): ନୟାଗଡ଼ବାସୀଙ୍କୁ ରେଳସେବା ନାଁରେ ଅକଥନୀୟ ଯନ୍ତ୍ରଣା ଦିଆଯାଉଛି। କମ ସଂଖ୍ୟକ ବଗି ଥିବା ରେଳ ଚଳାଚଳ କରୁଥିବାରୁ ଯାତ୍ରୀଙ୍କୁ ପୁରୀ ଓ ଭୁବନେଶ୍ୱରକୁ ଠିଆ ହୋଇଯିବାକୁ ପଡୁଛି। ରେଳଯାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଚଳାଚଳ କରୁଥିବା ଟ୍ରେନ୍ ବଗି ସଂଖ୍ୟାରେ ବୃଦ୍ଧି ପାଉନି। ଫଳରେ ଶହ ଶହ ଯାତ୍ରୀ ଟ୍ରେନରେ ଠିଆ ହୋଇ ଯାତାୟାତ କରୁଛନ୍ତି। ନୟାଗଡ଼ ଟାଉନ ଷ୍ଟେସନରୁ ଟ୍ରେନ୍ ଫୁଲ ହୋଇ ଯାଉଥିବା ବେଳେ ଖୋର୍ଦ୍ଧା ଜିଲ୍ଲା ବୋଲଗଡ଼, ନୟାଗଡ଼ ଜିଲ୍ଲା ରାଜସୁନାଖଳ, ଖୋର୍ଦ୍ଧା ଜିଲ୍ଲା ବେଗୁନିଆ, ଖୋର୍ଦ୍ଧା ଟାଉନ ଷ୍ଟେସନ ଯାତ୍ରୀ ସବୁଠାରୁ ଅଧିକ ଦୁର୍ଦ୍ଦଶା ଭୋଗୁଛନ୍ତି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରେଳପଥରେ ଦଶପଲ୍ଲା ପର୍ଯ୍ୟନ୍ତ ରେଳ ଚଳାଚଳ କରୁଛି। ଦଶପଲ୍ଲାରୁ ପ୍ରତ୍ୟେକ ଦିନ ୪ଟି ଟ୍ରେନ ବାହାରୁଛି। ଏହି ଟ୍ରେନଗୁଡ଼ିକ ମଧ୍ୟରେ ଗୋଟିଏ ମେମୁ ଟ୍ରେନ ଦୁଇ ଥର ଭୁବନେଶ୍ୱର ନୟାଗଡ଼ ମଧ୍ୟରେ ଯାତାୟାତ କରୁଥିବା ବେଳେ ଗୋଟିଏ ଭଦ୍ରକ ଓ ଅନ୍ୟଟି ପୁରୀକୁ ସଂଯୋଗ ହୋଇଛି। ଦଶପଲ୍ଲା ରେଳ ଷ୍ଟେସନଠାରୁ ସକାଳ ୬ଟାରେ ଭୁବନେଶ୍ୱର ଅଭିମୁଖେ ଏକ ମେମୁ ଟ୍ରେନ୍ ବାହାରୁଥିବା ବେଳେ ଏହି ଟ୍ରେନ ନୟାଗଡ଼ ଟାଉନ ଷ୍ଟେସନରୁ ୬ଟା ୪୦ରେ ଛାଡୁଛି। ପୁନଶ୍ଚ ଉକ୍ତ ଟ୍ରେନ୍‌ଟି ସକାଳ ୯ଟାରେ ଭୁବନେଶ୍ୱରରୁ ଦଶପଲ୍ଲା ପ୍ରତ୍ୟାବର୍ତ୍ତନ କରୁଛି। ଅପରାହ୍ନ ୪ଟାରେ ଦଶପଲ୍ଲାରୁ ଉକ୍ତ ମେମୁ ଟ୍ରେନ୍ ପୁଣି ଭୁବନେଶ୍ୱର ଅଭିମୁଖେ ବାହାରି ୪ଟା ୪୦ରେ ନୟାଗଡ଼ ଟାଉନ ଷ୍ଟେସନ ଛାଡୁଛି। ଉକ୍ତ ଟ୍ରେନ୍ ପୁଣି ଭୁବନେଶ୍ୱରରୁ ସନ୍ଧ୍ୟା ୬ଟା ୪୦ରେ ବାହାରି ଦଶପଲ୍ଲା ପ୍ରତ୍ୟାବର୍ତ୍ତନ କରୁଛି। ସେହିଭଳି ଭାବେ ଦଶପଲ୍ଲାରୁ ସକାଳ ୬ଟା ୧୫ରେ ପୁରୀ ଅଭିମୁଖେ ଅନ୍ୟ ଏକ ଟ୍ରେନ ବାହାରୁଛି। ଏହି ପୁରୀ ଟ୍ରେନ୍ ନୟାଗଡ଼ ଟାଉନ ଷ୍ଟେନସରେ ସକାଳ ୭ଟାରେ ଅତିକ୍ରମ କରୁଛି। ଉକ୍ତ ଟ୍ରେନ୍ ସନ୍ଧ୍ୟା ୬ଟାରେ ପୁରୀରୁ ପୁଣି ଦଶପଲ୍ଲା ଅଭିମୁଖେ ପ୍ରତ୍ୟାବର୍ତ୍ତନ କରୁଛି। ସେହିଭଳି ଭାବେ ଦଶପଲ୍ଲାରୁ ୪ଟା ୩୫ ମିନିଟ୍‌ରେ ଭଦ୍ରକ ଅଭିମୁଖେ ଅନ୍ୟ ଏକ ଟ୍ରେନ ବାହାରୁଛି। ଏହା ସକାଳୁ ଭଦ୍ରକରୁ ବାହାରି ଭୁବନେଶ୍ୱରରୁ ଦଶପଲ୍ଲା ଅଭିମୁଖେ ସକାଳ ୯ଟା ୨୫ରେ ବାହାରୁଛି। ଭୁବନେଶ୍ୱର ଚଳାଚଳ କରୁଥିବା ମେମୁ ଟ୍ରେନ୍‌ରେ ସବୁଠାରୁ ସାଂଘାତିକ ସ୍ଥିତି ଦେଖିବାକୁ ମିଳିଛି। ଟ୍ରେନ୍‌ରେ ନାହିଁ ନଥିବା ଭିଡ଼ ହେଉଥିବାରୁ ଅନେକ ଯାତ୍ରୀଙ୍କୁ ଠିଆ ହୋଇ ଯିବାକୁ ପଡୁଛି। ସେହିଭଳି ଭାବେ ପୁରୀ ଟ୍ରେନରେ ମଧ୍ୟ ବ୍ୟାପକ ଭିଡ଼ ହେଉଛି। ଏହି ଦୁଇ ଟ୍ରେନ୍‌ରେ ବଗି ସଂଖ୍ୟା ବୃଦ୍ଧି କରିବା ପାଇଁ ନୟାଗଡ଼ ଜିଲ୍ଲାବାସୀ ବାରମ୍ବାର ଦାବି କରୁଥିବା ବେଳେ ରେଳ ବିଭାଗ ଅଣଦେଖା କରି ଚାଲିଛି। ଅନ୍ୟପକ୍ଷେ ଏହି ରୁଟ୍‌ରେ ଚଳାଚଳ କରୁଥିବା ମେମୁ ଟ୍ରେନ୍ ବାରମ୍ବାର ଅଚଳ ହେଉଥିବାରୁ ସମସ୍ୟା ଦ୍ୱିଗୁଣିତ ହେଉଛି। ଭଦ୍ରକ ଟ୍ରେନ ଓ ମେମୁ ଟ୍ରେନ ମଧ୍ୟରେ ସମୟ ଦୂରତା ଅବଲମ୍ବନ କରିବାକୁ ଦାବି ହେଉଛି। ଦଶପଲ୍ଲାରୁ କଲିକତାକୁ ଏକ ଟ୍ରେନ ଚଳାଚଳ କରିବା ପାଇଁ ନାଗରିକ ମଞ୍ଚ ବାରମ୍ବାର ଦାବି କରୁ ଆସୁଥିବା ବେଳେ ରେଳ ବିଭାଗ ଅଣଦେଖା କରୁଛି। ନୟାଗଡ଼ ଜିଲ୍ଲାରେ ଟ୍ରେନ ଯାତ୍ରୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ବୈମାତୃକ ମନୋଭାବ ପାଇଁ ସମସ୍ୟା ସୃଷ୍ଟି ହେଉଛି।




### ଖତ ଖାଉଛି ଶତାଧିକ ବଗି

ନୟାଗଡ଼: ଦୀର୍ଘଦିନ ଧରି ନୟାଗଡ଼ ଟାଉନ ଷ୍ଟେସନର ଦୁଇଟି ଟ୍ରାକ୍‌ରେ ୩୮ ଟି ବଗି ଥୁଆ ହୋଇଛି। ଅବ୍ୟବହୃତ ଭାବେ ଏହି ବଗିଗୁଡ଼ିକ ଥୁଆ ହୋଇଥିବା ବେଳେ ଏହା ଭିତରେ ପଶି ଅନେକ ନିଶାଖୋର ବ୍ୟକ୍ତି ନିଶା ସେବନ କରୁଛନ୍ତି। ନୟାଗଡ଼ ଷ୍ଟେସନ ବ୍ୟତିରକେ ଦଶପଲ୍ଲାଠାରୁ ଖୋର୍ଦ୍ଧା ଟାଉନ ଷ୍ଟେସନ ପର୍ଯ୍ୟନ୍ତ ଖୋର୍ଦ୍ଧା-ବଲାଙ୍ଗୀର ରେଳପଥର ଅନେକ ସ୍ଥାନରେ ଶହ ଶହ ସଂଖ୍ୟାରେ ବଗି ଅବ୍ୟବହୃତ ଅବସ୍ଥାରେ ପଡ଼ି ରହିଛି। ଯାତ୍ରୀଙ୍କ ଦାବି ଅନୁସାରେ ଟ୍ରେନଗୁଡ଼ିକରେ ବଗି ସଂଖ୍ୟା ବୃଦ୍ଧି କରାଯାଉନଥିବା ବେଳେ ଅବ୍ୟବହୃତ ବଗିଗୁଡ଼ିକ ପକାଇ ରଖାଯିବା ପଛର କାରଣ କଣ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କରୋନା ମହାମାରୀଠାରୁ ରେଳ ବିଭାଗ ଚଳାଚଳ କରୁଥିବା ରେଳସଂଖ୍ୟାକୁ ହ୍ରାସ କରିଥିବା କାରଣରୁ ଏହି ବଗିଗୁଡ଼ିକ ଅବ୍ୟବହୃତ ଅବସ୍ଥାରେ ରହୁଥିବା ଆଲୋଚନା ହେଉଛି। ଏହାକୁ ଚଳାଚଳ କରାଇବା ନିହାତି ଆବଶ୍ୟକ ବୋଲି ଯାତ୍ରୀମାନେ ମତ ଦେଇଛନ୍ତି।

● ଅଣସର ପିଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗୁପ୍ତ ସେବା

## ଭକ୍ତଙ୍କୁ ଦର୍ଶନ ଦେଲେ ପଟିଦିଅଁ



ଖଣ୍ଡପଡ଼ା, ୨୪।୬(ସମିସ): ପବିତ୍ର ଦେବସ୍ନାନ ପୂର୍ଣ୍ଣିମାରେ ଖଣ୍ଡପଡ଼ା ରାଜବାଟୀ ପରିସର ମନ୍ଦିରରେ ପୂଜା ପାଉଥିବା ଶ୍ରୀଜଗନ୍ନାଥଙ୍କୁ ସ୍ନାନ ମଣ୍ଡପରେ ୧୦୮ କଳସ ସୁବାସିତ ଜଳରେ ସ୍ନାନ କରାଯିବା ପରେ ଭକ୍ତଙ୍କୁ ହାତୀ ବେଶରେ ଦର୍ଶନ ଦେଇଥିଲେ। ଏହା ପରଠାରୁ ଶ୍ରୀଜୀଉ ଜ୍ୱରରେ ପୀଡ଼ିତ ରହି ଅଣସର ଘରେ ଫୁଲୁରି ତେଲ ଓ ଓଷୁଅ ଲାଗି ହୋଇ ସେବାୟତଙ୍କ ଦ୍ୱାରା ଗୁପ୍ତସେବା ନୀତି ଚାଲିଛି। ମହାପ୍ରଭୁ ଅଣସର ଘରେ ଥିବାରୁ ପଟିଦିଅଁ, ମଦନମୋହନ ଓ ମହାଲକ୍ଷ୍ମୀ ଭକ୍ତଙ୍କୁ ଦର୍ଶନ ଦେଉଥିବା ଦେଖିବାକୁ ମିଳିଛି। ପ୍ରତ୍ୟେକ ଦିନ ସକାଳୁ ମଙ୍ଗଳ ଆଳତି, ବଲ୍ଲଭ, ଧୂପ ଓ ପହଡ଼ ନୀତି ସମ୍ପନ୍ନ ହେଉଥିବାବେଳେ ବ୍ରହ୍ମାନନ୍ଦ ପଣ୍ଡା, ପତ୍ରି ରାଜେଶ କୁମାର ଦାଶ, ଆଡତିଆ ଦିଲ୍ଲୀପ ମହାପାତ୍ର ଓ ରୂପକାର କିଶୋର ଚନ୍ଦ୍ର ମହାପାତ୍ର ମହାପ୍ରଭୁଙ୍କ ସେବା କରୁଥିବା ଜଣାପଡ଼ିଛି। ଆସନ୍ତା ଜୁଲାଇ ୨ ତାରିଖରେ ଖଡ଼ିଲାଗି ଏକାଦଶୀ ଅନୁଷ୍ଠିତ ହେବ। ଏହିଦିନ ମହାପ୍ରଭୁ ସୁସ୍ଥ ହେବା କଥା ସେବାୟତମାନେ ରାଜାଙ୍କୁ ଖବର ଦେବାପରେ ରଥଯାତ୍ରା ପାଇଁ ରାଜା ନିଶ୍ଚିତ ହୋଇଥାନ୍ତି ବୋଲି ସୂଚନା ମିଳିଛି। ସେହିପରି ଭାବେ କଣ୍ଟିଲୋ ଶ୍ରୀନୀଳମାଧବଙ୍କ ପୀଠରେ ଦେବସ୍ନାନ ପୂର୍ଣ୍ଣିମା ନୀତି ସମ୍ପନ୍ନ ପରେ ବିଗ୍ରହଙ୍କ ଅଣସର ପିଣ୍ଡିରେ ଆରମ୍ଭ ହୋଇଛି ଅଣସର ରୀତିନୀତି। ସେବାୟତମାନେ ଦାରୁବିଗ୍ରହଙ୍କର ଶ୍ରୀଅଙ୍ଗ ଲାଗି ଗୁପ୍ତ ସେବା କରୁଥିବା ଜଣାପଡ଼ିଛି। ସେହିପରି ଭାବେ ମନ୍ଦିର ଭିତରେ ପଟିଦିଅଁଙ୍କୁ ପୂଜାର୍ଚ୍ଚନା କରାଯାଉଛି। ତେବେ ଅଣସର ପଟିରେ ମହାପ୍ରଭୁ ଶ୍ରୀକଳାମାଧବ ଅନନ୍ତ ନାରାୟଣ ରୂପରେ, ଦେବୀ ସୁଭଦ୍ରା ଭୁବନେଶ୍ୱରୀ ରୂପରେ ଏବଂ ଶ୍ରୀବଳଭଦ୍ର ଅନନ୍ତ ବାସୁଦେବ ଭାବେ ସ୍ଥାନିତ ହୋଇଛନ୍ତି। ଦେବସ୍ନାନ ପୂର୍ଣ୍ଣିମାଠାରୁ ଦାରୁ ବିଗ୍ରହଙ୍କ ୧୫ ଦିନ ଧରି ଉପଚାର ବିଧି ରୀତିନୀତି ଅନୁଯାୟୀ ଚାଲୁ ରହିବ ବୋଲି ସେବାୟତମାନେ କହିଛନ୍ତି।

## ବଧୂହତ୍ୟା ଘଟଣାରେ ସ୍ୱାମୀ ଓ ଶାଶୂ ଗିରଫ

ନୟାଗଡ଼, ୨୪।୬(ସମିସ): ନୟାଗଡ଼ ଜିଲ୍ଲା ସଦରଥାନା ମାଳିସାହି ଫାଣ୍ଡି ଅନ୍ତର୍ଗତ କଞ୍ଚନବେଲି ଗ୍ରାମରେ ବଧୂହତ୍ୟା ଅଭିଯୋଗ ହୋଇଥିଲା। ମୃତ ମହିଳା ହେଲେ ଉକ୍ତ ଗ୍ରାମର ବିଜୟ ନାୟକଙ୍କ ପତ୍ନୀ ରଞ୍ଜିତା ନାୟକ। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଇଟାମାଟି ଥାନା ଅନ୍ତର୍ଗତ ଅରାସାହି ଗ୍ରାମର ରମେଶ ନାହାକଙ୍କ ଝିଅ ରଞ୍ଜିତା ୫ ବର୍ଷ ତଳେ ବିଜୟଙ୍କ ସହ ପ୍ରେମ ବିବାହ କରିଥିଲେ। ବିଜୟ ଏବଂ ରଞ୍ଜିତା ପରସ୍ପର ଭଲରେ ଚଳୁଥିବା ବେଳେ ବିଜୟ ଏକ ପେଟ୍ରୋଲ ଟାଙ୍କିରେ କାମ କରୁଥିଲେ। ବିଭିନ୍ନ ସମୟରେ ଶାଶୂ ଓ ବୋହୂଙ୍କ ମଧ୍ୟରେ ଝଗଡ଼ା ଲାଗି ରହୁଥିଲା। କିଛିଦିନ ତଳେ ଝଗଡ଼ା ଲାଗିବା କାରଣକୁ ନେଇ ବିଜୟ ଓ ରଞ୍ଜିତାଙ୍କ ମନୋମାଳିନ୍ୟ ହୋଇଥିଲା। ରଞ୍ଜିତାଙ୍କ ପରିବାର ଲୋକ ଆସି ଏହାକୁ ସମାଧାନ କରାଇଥିଲେ। ରବିବାର ସକାଳୁ ବିଜୟ ଟାଙ୍କି ଯିବା ପରେ ରଞ୍ଜିତ ନଣନ୍ଦ ଘରକୁ ଯାଇଥିଲେ। ପରେ ରଞ୍ଜିତାଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ଏହି ଘଟଣାକୁ ନେଇ ଝିଅକୁ ହତ୍ୟା କରାଯାଇଥିବା ରଞ୍ଜିତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ସଦରଥାନା ପୁଲିସ ଏକ ହତ୍ୟା ମାମଲା ରୁଜୁ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ରଞ୍ଜିତାଙ୍କ ସ୍ୱାମୀ ବିଜୟ ନାୟକ, ଶାଶୂ ହାର ଦେଇ ରହିଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି। ଥାନା ଅଧିକାରୀ ଅନିତା ସାହୁ ଘଟଣାର ତଦନ୍ତ ଦାୟିତ୍ୱରେ ରହିଛନ୍ତି। ରଞ୍ଜିତାଙ୍କ ଶଶୁର ବୈକୁଣ୍ଠ ନାୟକ ଉକ୍ତ ସମୟରେ ଘରେ ନଥିବାରୁ ତାଙ୍କୁ ୪୧ ନୋଟିସ ମାଧ୍ୟମରେ ଛଡ଼ା ଯାଇଛି।

## ପୂର୍ବତନ ଶିକ୍ଷକଙ୍କ ପରଲୋକ

ଖଣ୍ଡପଡ଼ା, ୨୪।୬(ସମିସ): ଖଣ୍ଡପଡ଼ା ବ୍ଲକ ବନମାଳିପୁର ପଞ୍ଚାୟତ ଅଧୀନ ହାଟପଦା ଗ୍ରାମର ପୂର୍ବତନ ଶିକ୍ଷକ ବାସୁଦେବ ସାହୁଙ୍କ ପରଲୋକ ଘଟିଛି। ଦୀର୍ଘଦିନ ଧରି ଅସୁସ୍ଥ ଥିବା ଶ୍ରୀ ସାହୁଙ୍କ ସୋମବାର ସକାଳେ ହାଟପଦାସ୍ଥିତ ବାସଭବନରେ ପରଲୋକ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ବନମାଳିପୁର ମଇ ବିଦ୍ୟାଳୟରୁ ସହକାରୀ ଶିକ୍ଷକ ଭାବେ ସେ ଅବସର ଗ୍ରହଣ କରିଥିଲେ। ତାଙ୍କ ମୃତ୍ୟୁ ଖବରପାଇ ବ୍ଲକ ଅଧ୍ୟକ୍ଷା ଉପମା ବେହେରା, ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ସ୍ଥାନୀୟ ସରପଞ୍ଚ ବାସନ୍ତୀ ବେହେରା, ପ୍ରମୁଖ ଶେଷ ଦର୍ଶନ କରିଥିଲେ। ଗ୍ରାମ ଶ୍ମଶାନରେ ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ଏକମାତ୍ର ପୁତ୍ର ଇଂ ବିଭୁପ୍ରସାଦ ସାହୁ ମୁଖାଗ୍ନି ଦେଇଥିଲେ।

● କାଗଜକଲମରେ ସୀମିତ ନିରାକରଣ

## ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନରେ ଶିଶୁ ଶ୍ରମିକ

ନୟାଗଡ଼, ୨୪।୬(ସମିସ): ନୟାଗଡ଼ ଜିଲ୍ଲାରେ ଶିଶୁ ଶ୍ରମିକ ନିରାକରଣ ସଚେତନତା କେବଳ କାଗଜକଲମରେ ସୀମିତ ରହିଛି। ପ୍ରତ୍ୟେକ ବର୍ଷ ଏହି ଦିବସ ପାଳନ କରାଯାଇ କିଛି ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଉଥିବା ବେଳେ ପରମୂହୁର୍ତ୍ତରେ ସେମାନଙ୍କୁ ପୁଣି ଉକ୍ତ ସ୍ଥାନରେ କାମ କରୁଥିବାର ଦେଖିବାକୁ ମିଳିଛି। କେବଳ ନୟାଗଡ଼ ସହରର ବିଭିନ୍ନ ବ୍ୟବସାୟିକ ପ୍ରତିଷ୍ଠାନରେ ଅନେକ ଶିଶୁ ଶ୍ରମିକ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିଛି। ଏହା ବାଦ ଅନେକ ବଡ଼ବଡ଼ିଆଙ୍କ ଭୋଜିରେ କ୍ୟାଟେରିଂ ବୟ ଭାବେ ଶିଶୁ ଶ୍ରମିକଙ୍କୁ ନିୟୋଜିତ କରାଯାଉଛି। ନୟାଗଡ଼ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନଥିବା ବେଳେ ବର୍ଷକୁ ଥରେ ଶିଶୁ ଶ୍ରମିକ ନିରାକରଣ ଦିବସ ପାଳନ କରିବା ହାସ୍ୟାସ୍ପଦ ବୋଲି ଆଲୋଚନା ହେଉଛି। ନୟାଗଡ଼ ଜିଲ୍ଲାରେ ୮ଟି ବ୍ଲକ, ୪ଟି ଏନ୍‌ଏସି ଏବଂ ନୟାଗଡ଼ ପୌର ପରିଷଦ ରହିଛି। ନୟାଗଡ଼ ଜିଲ୍ଲାରେ ଅନେକ ଛୋଟବଡ଼ ସହର ରହିଛି। ଜିଲ୍ଲା ସଦରମହକୁମା ବ୍ୟତିରକେ ବିଭିନ୍ନ ସ୍ଥାନରେ ରହିଥିବା ଛୋଟବଡ଼ ସହରରେ ଏହି ସମସ୍ୟା ସବୁଠାରୁ ବେଶୀ ବୋଲି ଦେଖିବାକୁ ମିଳିଛି। ଅନେକ ବ୍ୟବସାୟିକ ପ୍ରତିଷ୍ଠାନରେ ଅନେକ ଶିଶୁ ଶ୍ରମିକ କାମ କରୁଥିବା ବେଳେ ଜିଲ୍ଲା ପ୍ରଶାସନ, ପୁଲିସ ପ୍ରଶାସନ ଓ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏଥିପ୍ରତି ଆଦୌ ଧ୍ୟାନ ଦେଉନାହାନ୍ତି। ଫଳରେ ଅଭାବ ଓ ଅନଟନରେ ରହୁଥିବା ପରିବାର ଗୁଡ଼ିକର ପିଲାମାନେ ପାଠପଢ଼ା ଛାଡ଼ି ଶିଶୁ ଶ୍ରମିକ ଭାବେ କାର୍ଯ୍ୟ କରୁଛନ୍ତି। ବ୍ୟବସାୟ ପ୍ରତିଷ୍ଠାନର ମାଲିକ ତଥା ପରିଚାଳକମାନେ ଏସବୁ ପ୍ରତି ଗୁରୁତ୍ୱ ଦେବା ବଦଳରେ କମ ଦରମାରେ ଶିଶୁ ଶ୍ରମିକଙ୍କୁ ଅନେକ ବିପଜ୍ଜନକ କାର୍ଯ୍ୟରେ ନିୟୋଜିତ କରୁଛନ୍ତି।

## ଆଇନଶୃଙ୍ଖଳା ନେଇ ସାମ୍ବାଦିକଙ୍କ ସହ ଆଲୋଚନା



ଭାପୁର, ୨୪।୬(ସମିସ): ନୟାଗଡ଼ ଜିଲ୍ଲା ଫତେଗଡ଼ ଥାନା ଅଧିକାରୀ ଆଇନଶୃଙ୍ଖଳା ନେଇ ସାମ୍ବାଦିକଙ୍କ ସହ ଆଲୋଚନା କରିଛନ୍ତି। ଫତେଗଡ଼ ଥାନାରେ ନୂତନ ଭାବେ ଥାନା ଅଧିକାରୀ ଭାବେ ପଞ୍ଚାନନ ପରିଡ଼ା ଯୋଗ ଦେଇଛନ୍ତି। ସମାଜରେ ଶାନ୍ତି, ପ୍ରଗତୀ ଓ ମୈତ୍ରୀ ସ୍ଥାପିତ ହେଲେ ଏହା ଦେଶ ଓ ଜାତିକୁ ଉଚ୍ଚତର ସୋପାନକୁ ନେଇଥାଏ। ସେଥିପାଇଁ ଜନସାଧାରଣ ଓ ପୁଲିସ ଉଭୟେ ପରିପୂରକ ଭାବେ କାର୍ଯ୍ୟ କରିବା ଦରକାର। ପୁଲିସ ଜନସାଧାରଣଙ୍କ ବନ୍ଧୁ ବୋଲି ଗଣାଯାଉଛି। ସେଥିପାଇଁ ପୁଲିସ ସବୁବେଳେ ସମାଜର ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକଙ୍କ ମତାମତକୁ ଗୁରୁତ୍ୱ ଦେଇଥାଏ। ଏହିକ୍ରମରେ ସୋମବାର ସନ୍ଧ୍ୟାରେ ଫତେଗଡ଼ ଥାନା ପରିସରରେ ଥାନା ଅଧିକାରୀ ପଞ୍ଚାନନ ପରିଡ଼ା ବ୍ଲକର ସମସ୍ତ ସାମ୍ବାଦିକଙ୍କୁ ଡକାଇ ଏକ ସୌଜନ୍ୟମୂଳକ ଆଲୋଚନା କରିଥିଲେ। ଏହି ବୈଠକରେ ବରିଷ୍ଠ ସାମ୍ବାଦିକ ଶୁଭେନ୍ଦ୍ର କୁମାର ପଟ୍ଟନାୟକ, ଗୀତିକାନ୍ତ ପଣ୍ଡା, ସଂଗ୍ରାମ କେଶରୀ ପଟ୍ଟନାୟକ, ଜ୍ଞାନରଞ୍ଜନ ଷଡଙ୍ଗୀ, ବିରଞ୍ଚି ନାରାୟଣ ନାୟକ, ଜୟକୃଷ୍ଣ ବାରିକ, ପ୍ରଭାତ କୁମାର ବରାଡ, ଶ୍ରୀକାନ୍ତ କୁମାର ରାଉତ, ସୁଶାନ୍ତ କୁମାର ପଟ୍ଟନାୟକ, ଜ୍ୟୋତି ପ୍ରକାଶ ମହାରଣା, ବିଭୂତି ମହାପାତ୍ର, ଯଦୁନାଥ ସାମନ୍ତରାୟ, କନକଲତା ପ୍ରଧାନ ଯୋଗଦେଇ ଉପାଦେୟ ମତାମତ ରଖିଥିଲେ। ବିଶେଷ କରି ଆସନ୍ତା ରଥଯାତ୍ରା କିପରି ସୁରୁଖୁରୁରେ ଆୟୋଜିତ ହେବ, ଭାପୁର ଓ ବାହାଡା ବଜାରରେ ଟ୍ରାଫିକ ସମସ୍ୟା ସମ୍ପର୍କରେ ମୁଖ୍ୟତଃ ଆଲୋଚନା ହୋଇଥିଲା।



ମିନି ଷ୍ଟାଡିୟମ ପାଦଚଲା ରାସ୍ତାରେ ଜମିଲା ପାଣି

## ସୁବିଧା ନ ପାଇ ଫେରିଲେ ବରିଷ୍ଠ ନାଗରିକ

ଓଡ଼ଗାଁ, ୨୪।୬(ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ଏନ୍‌ଏସି ମିନି ଷ୍ଟାଡିୟମ ପାଦଚଲା ପଥରେ ବର୍ଷାଜଳ ନିଷ୍କାସନ ହୋଇନପାରିବା ଯୋଗୁଁ ବରିଷ୍ଠ ନାଗରିକମାନେ ସୋମବାର ସନ୍ଧ୍ୟାରେ ପଥରେ ନଚାଲି ପଡ଼ିଆରେ ଚାଲିବା ଆରମ୍ଭ କରିଥିଲେ। ଆଜିର ପ୍ରଥମ ମୌସୁମୀ ବର୍ଷାଜଳ ପଡ଼ି ପଡ଼ିଆରେ କାଦୁଅ ଉଠିଥିବା ଯୋଗୁଁ ଗୋଡ଼ ଖସି ପଡ଼ିଯିବା ଭୟରେ ନିଜ ନିଜ ଘରକୁ ଫେରିଥିଲେ। ଏଥିସହିତ ବର୍ଷାଜଳ ପଡ଼ିବା ପରେ ଘାସ ମଧ୍ୟରେ ସରୀସୃପ ରହିଥିବାର ସମ୍ଭାବନାକୁ ମଧ୍ୟ ଏଡ଼ାଇ ଦିଆଯାଇନପାରେ। ଅନ୍ୟପକ୍ଷରେ ଷ୍ଟାଡିୟମର ଆଲୋକ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇପଡ଼ିଥିବା କାରଣରୁ ମୁକ୍ତାକାଶ ଯୋଗ ବ୍ୟାୟାମଶାଳାରେ ବ୍ୟାୟାମ କରିବା ମଧ୍ୟ ଅସମ୍ଭବ ହୋଇପଡ଼ିଛି। ଏ ସମ୍ପର୍କରେ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ ସେ ଏଥିପ୍ରତି ଆଦୌ ଧ୍ୟାନ ଦେଉନଥିବାରୁ ବରିଷ୍ଠ ନାଗରିକମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ୨୦୨୩ ମସିହା ବର୍ଷାଦିନରେ ଏହି ସମସ୍ୟା ନେଇ ଅଭିଯୋଗ ହୋଇଥିଲା। ଆଜି ସୁଦ୍ଧା ସମସ୍ୟାର ସମାଧାନ ହୋଇନଥିବା ବେଳେ ଚଳିତବର୍ଷ ବର୍ଷାଋତୁରେ ପାଦଚଲା ପଥରେ ଏପରି ପାଣି ଜମିବା ଲାଗିରହିଲେ ନିୟମିତ ଚାଲିବା ନେଇ ପ୍ରତିବନ୍ଧକ ସୃଷ୍ଟି ହେବାର ସମ୍ଭାବନା ରହିଛି।

ମୋବାଇଲ ସେବା ଏବେ ବି ଅପହଞ୍ଚ

## ଟାୱାର ଅଛି; ନେଟ୍‌ୱର୍କ ନାହିଁ

ଓଡ଼ଗାଁ, ୨୪।୬(ସମିସ): ଆଜିର ଆଧୁନିକ ଯୁଗରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଓ ଆଲୋକ ବ୍ୟବସ୍ଥା ପରି ନେଟ୍‌ୱର୍କ ବ୍ୟବସ୍ଥାର ମଧ୍ୟ ଆବଶ୍ୟକତା ହୋଇପଡ଼ିଛି। ଏଥିପାଇଁ ରାଜ୍ୟ ତଥା କେନ୍ଦ୍ର ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। କିନ୍ତୁ ଆଜି ବି ଅନେକ ଗାଁ ରହିଛି ଯେଉଁଠି ମୋବାଇଲ୍ ନେଟ୍‌ୱର୍କ ଅପହଞ୍ଚ। ଦୀର୍ଘ ଦିନ ପରେ ଗାଁରେ ମୋବାଇଲ ଟାୱାର ନିର୍ମାଣ ହୋଇଥିଲେ ମଧ୍ୟ ଲୋକେ ଗାଁ ମୁଣ୍ଡ ଆମ୍ବ ଗଛ ମୂଳେ ନେଟ୍‌ୱର୍କ ଖୋଜୁଥିବା ଦେଖିବାକୁ ମିଳିଛି। ନୟାଗଡ଼ ଜିଲ୍ଲା ବାଣ୍ଡପୁର ପଞ୍ଚାୟତର ଅନେକ ଗ୍ରାମରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି।



ସୂଚନା ଅନୁଯାୟୀ, ନୟାଗଡ଼ ଜିଲ୍ଲାର ଅନେକ ଗାଁରେ ଏବେ ବି ନେଟ୍‌ୱର୍କ ସେବା ପହଞ୍ଚି ପାରି ନାହିଁ। ଭାରତ ସଞ୍ଚାର ନିଗମ ଲିମିଟେଡ (ବିଏସ୍‌ଏନ୍‌ଏଲ୍) ଏହାର ଏକ ସର୍ଭେ କରି କେନ୍ଦ୍ର ମନ୍ତ୍ରଣାଳୟକୁ ରିପୋର୍ଟ ଦେବା ପରେ ନେଟ୍‌ୱର୍କ ନ ଥିବା ଅଞ୍ଚଳକୁ ଚିହ୍ନଟ କରି ସେଠାରେ ଟାୱାର ସ୍ଥାପନ କରିବାକୁ ସ୍ୱୀକୃତି ମିଳିଥିଲା। ଫଳରେ ନୟାଗଡ଼ ଜିଲ୍ଲାର ୫ଟି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ଟାୱାର ନିର୍ମାଣ ପାଇଁ ବାଟ ଖୋଲିଥିଲା। ତେବେ ଟାୱାର ଚାଲୁ ହେବାପରେ ଏବେ ଲୋକଙ୍କ କାମରେ ଲାଗୁନି। ବାଣ୍ଡପୁର ପଞ୍ଚାୟତର ଭୋବସର, ନେପାଳ, ନାଣ୍ଡିଗିରୀ, ମାଳ ଓସ୍ତିଆ ଓ ଶରଣକୁଳ ନିକଟସ୍ଥ ଗୋଛା ଗ୍ରାମରେ ଟାୱାର ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଥିଲା। ମାଳ ଓସ୍ତିଆ, ଭୋବସର, ଗୋଛା ଗ୍ରାମରେ ଟାୱାର ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। କିନ୍ତୁ ଏହି ଟାୱାର ନିର୍ଦ୍ଦିଷ୍ଟ ମୋବାଇଲ ବ୍ୟବହାର ଦ୍ୱାରା ଚାଲୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଅଞ୍ଚଳର ଲୋକମାନେ ଏବେ ଗାଁ ମୁଣ୍ଡ କିମ୍ବା ଗଛ ଉପରେ ବସି ନେଟ୍‌ୱର୍କ ଖୋଜୁଛନ୍ତି। ଲୋକେ ପୁଣି ଅତିରିକ୍ତ ବୋଝ ମୁଣ୍ଡେଇବେ ବୋଲି କୁହାଯାଉଛି। ତେଣୁ ପ୍ରତି ମୋବାଇଲ୍‌ରେ ଏହି ବିଏସ୍‌ଏନ୍‌ଏଲ୍ ସେବା ଉପଲବ୍ଧ ହେବ ସେଥିପ୍ରତି ସରକାର ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

ଟ୍ୟୁସନ୍ ନ ଯିବାରୁ ଛାତ୍ରୀଙ୍କ ନମ୍ବର କାଟିବା ଘଟଣା

## ଗଠନ ହେବ କମିଟି; ୭ ଦିନରେ ତଦନ୍ତ

ନୟାଗଡ଼, ୨୪।୬(ସମିସ): ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଅଧ୍ୟାପକଙ୍କ ପାଖକୁ ଘରୋଇ ଟ୍ୟୁସନ୍ ଯାଉନଥିବା ଛାତ୍ରୀଙ୍କ ମାର୍କ କାଟିବା ଘଟଣାକୁ ନେଇ ଆଜି ଜିଲ୍ଲାରେ ଆଲୋଡ଼ନ ସୃଷ୍ଟି ହୋଇଛି। ମହାବିଦ୍ୟାଳୟରେ ଶିକ୍ଷା ଅବ୍ୟବସ୍ଥା ପଦାରେ ପଡ଼ିଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଛାତ୍ରୀ ଏବଂ ତାଙ୍କ ଅଭିଭାବକ ତଥା ଆଇନଜୀବୀ ବଳଭଦ୍ର ମହାନ୍ତି ସାକ୍ଷାତ କରି ଲିଖିତ ଅଭିଯୋଗ କରିଛନ୍ତି। ଛାତ୍ରୀ ଜଣଙ୍କ +୩ ପ୍ରଥମ ସେମିଷ୍ଟାର ପରୀକ୍ଷାରେ ଏକ୍ସଟ୍ରନାଲ୍ ମାର୍କ ୯୦ ପ୍ରତିଶତ ରଖିଥିବା ବେଳେ ତାଙ୍କର ଇଣ୍ଟରନାଲ ପରୀକ୍ଷା ମାର୍କ ୪୦ ପ୍ରତିଶତ ରହିଛି। ସମ୍ପୃକ୍ତ ବିଭାଗର ଅଧ୍ୟାପକଙ୍କ ନିକଟକୁ ଘରୋଇ ଟ୍ୟୁସନ୍ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଇଣ୍ଟରନାଲ ପରୀକ୍ଷାରେ ଅଧିକ ମାର୍କ ପ୍ରଦାନ କରାଯାଇଥିବା ବେଳେ ଛାତ୍ରୀଙ୍କୁ ଜାଣିଶୁଣି ମାର୍କ କାଟି ଦିଆଯାଇଛି। ଅନେକ ଛାତ୍ରଛାତ୍ରୀଙ୍କ କ୍ଷେତ୍ରରେ ଏଭଳି ହୋଇଥିବା ବେଳେ ଆଜି ଅଧ୍ୟକ୍ଷଙ୍କୁ ଲିଖିତ ଅଭିଯୋଗ କରାଯାଇଛି। ଏନେଇ ମହାବିଦ୍ୟାଳୟ ଅଧ୍ୟକ୍ଷ ବିପିନ କୁମାର ପଟ୍ଟନାୟକ, ଏକ ଫ୍ୟାକ୍ଟ ଫାଇଣ୍ଡିଂ କମିଟି ଗଠନ କରାଯିବ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଉକ୍ତ କମିଟି ତଦନ୍ତ କରି ୭ ଦିନ ମଧ୍ୟରେ ରିପୋର୍ଟ ପ୍ରଦାନ କରିବେ। ଉକ୍ତ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଅଧ୍ୟକ୍ଷ ସୂଚନା ଦେଇଛନ୍ତି। ଅନ୍ୟପକ୍ଷେ, ସରକାରଙ୍କ ନିୟମ ମୁତାବକ କୌଣସି ଅଧ୍ୟାପକ କିମ୍ବା ଅଧ୍ୟାପିକା କୌଣସି ପରିସ୍ଥିତିରେ ଅଫିସ୍ ସମୟ ମଧ୍ୟରେ ଟ୍ୟୁସନ୍ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି।




■ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ

### ମାଲମାଲ କୋଚିଂ ସେଣ୍ଟର୍

### ସବୁଠି ସରକାରୀ ଶିକ୍ଷକ ଓ ଅଧ୍ୟାପକ

ନୟାଗଡ଼: ନୟାଗଡ଼ ଜିଲ୍ଲାର ପ୍ରତ୍ୟେକ ସହରଠାରୁ ଆରମ୍ଭ କରି ଗାଁ ଗହଳି ପର୍ଯ୍ୟନ୍ତ ମାଳ ମାଳ କୋଚିଂ ସେଣ୍ଟର ଓ ଘରୋଇ ଟ୍ୟୁସନ୍ ଚାଲୁଛି। ଏହି କୋଚିଂ ସେଣ୍ଟରଗୁଡ଼ିକରେ ୯୦ ପ୍ରତିଶତ ସରକାରୀ ଶିକ୍ଷକ ଓ ଅଧ୍ୟାପକ ପିଲାଙ୍କୁ ପାଠ ପଢ଼ାଉଛନ୍ତି। ସରକାରୀ ଶିକ୍ଷା ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରି ଶିକ୍ଷକ ଓ ଅଧ୍ୟାପକମାନେ ଅର୍ଥ ଲୋଭୀ ହୋଇ ଶିକ୍ଷାକୁ ବ୍ୟବସାୟରେ ପରିଣତ କରି ସାରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ପକ୍ଷରୁ ଏନେଇ କୌଣସି କାର୍ଯ୍ୟାନୁଷ୍ଠାନ ତଥା ପ୍ରତିବନ୍ଧକ ରହୁନଥିବାରୁ ସମସ୍ୟା ଉପୁଜୁଛି। ଯାହାର ଜ୍ୱଳନ୍ତ ଉଦାହରଣ ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଦେଖିବାକୁ ମିଳିଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଏସବୁ ବନ୍ଦ କରିବା ପାଇଁ ସମର୍ଥ ହେଉନାହାନ୍ତି। ଅଫିସ୍ ସମୟ ବ୍ୟତିତ ଅନ୍ୟ ସମୟରେ କିଏ କଣ କରିବ, ତାହା ଉପରେ କୌଣସି ପ୍ରତିବନ୍ଧକ ନଥିବା ଅଧ୍ୟକ୍ଷଙ୍କ ସୂଚନାରୁ ସ୍ପଷ୍ଟ ହେଉଛି। ମହାବିଦ୍ୟାଳୟ ପକ୍ଷରୁ କେବଳ ଅଫିସ୍ ସମୟକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ଅନ୍ୟ ସମୟରେ ଶିକ୍ଷା ବ୍ୟବସାୟରେ ପରିଣତ କରିବା ପାଇଁ ନିଶ୍ଚିତ ବୋଲି ଆଲୋଚନା ହେଉଛି।

## ପଞ୍ଚାୟତସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ



**ନିରାକାରପୁର, ୨୪।୬(ସମିସ):** ନୂଆଗଡ଼ ପଞ୍ଚାୟତସ୍ଥିତ ଉଗ୍ରତାରା ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ସ୍ୱଙ୍ଗ ସେବକ ସଙ୍ଘ ପକ୍ଷରୁ ଷଷ୍ଠବାର୍ଷିକ ପଞ୍ଚାୟତସ୍ତରୀୟ ମେଧାବୀ ସମ୍ବର୍ଦ୍ଧନା ଉତ୍ସବ ଶିକ୍ଷାବିତ୍ ଗଦାଧର ବିଶ୍ୱାଳଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉଗ୍ରତାରା ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ପ୍ରଣତି ବିଶ୍ୱାଳ, ସମ୍ମାନିତ ଅତିଥିଭାବେ ସାମ୍ବାଦିକ ଉମେଶ ଚନ୍ଦ୍ର ପଟ୍ଟନାୟକ, ଅନ୍ୟତମ ସମ୍ମାନିତ ଅତିଥିଭାବେ ଶିକ୍ଷାବିତ୍ ରସିଦ ଖାଁ, ନୂଆଗଡ଼ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଚନ୍ଦ୍ରକାନ୍ତି ଦେଇ, ମୋରମୋରସିଂହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୋଗେଶ୍ୱର ନାୟକ, ମୋ ସ୍କୁଲ ଅଭିଯାନ ସଭାପତି ଦୁର୍ଯ୍ୟୋଧନ ବରାଳ ସ୍କୁଲ ପରିଚାଳନା କମିଟି ସଭାପତି ଅଜୟ କୁମାର ଛୋଟରାୟପୁର, ସମାଜସେବୀ ରବୀନ୍ଦ୍ର ମାର୍ଥା, ନୂଆଗଡ଼ ସ୍ୱଙ୍ଗସେବକ ସଂଘ ସଭାପତି ମନୋରଞ୍ଜନ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ। ସ୍ୱଙ୍ଗସେବକ ସଂଘର ସମ୍ପାଦକ ସମୀର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସ୍ଥାନୀୟ ୭ଟି ସ୍କୁଲର ମେଧାବୀ ଛାତ୍ରଛାତ୍ରୀଙ୍କ ସମେତ ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାରେ କୃତିତ୍ୱ ଅର୍ଜନ କରିଥିବା ୩୭ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଉପଦେଷ୍ଟା ସନ୍ତୋଷ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ସ୍ୱଙ୍ଗସେବକ ସଙ୍ଘର ସମସ୍ତ କର୍ମକର୍ତ୍ତା, ଅଭିଭାବକ, ଶିକ୍ଷକଶିକ୍ଷୟିତ୍ରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଶିକ୍ଷା ବିକାଶ ସମିତି ପକ୍ଷରୁ ମେଧାବୀ ସମ୍ମାନ



**ବାଣପୁର, ୨୪।୬ (ସମିସ):** ଶିକ୍ଷା ବିକାଶ ସମିତି, ଓଡ଼ିଶା ତରଫରୁ ବାଣପୁର ଭଗବତୀ ବିହାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସମ୍ମିଳନୀ କକ୍ଷରେ ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି। ଏହି ଅବସରରେ ବିଦ୍ୟା ମନ୍ଦିର ପରିଚାଳନା ସଭାପତି ରାଜକିଶୋର ଭୋପାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଭିନନ୍ଦନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟତମ ଅତିଥି ଭାବେ ବାଣପୁର ବ୍ଲକ ଅଧ୍ୟକ୍ଷ ଅମରେନ୍ଦ୍ର ରଣସିଂହ, ବିଦ୍ୟାଳୟର ସମ୍ପାଦକ ଆଇନଜୀବୀ ଶ୍ୟାମପ୍ରସାଦ ମିଶ୍ର ଓ ବୈରାଗୀ ଚନ୍ଦ୍ର ବଳ ଯୋଗ ଦେଇଥିଲେ। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ମୋଟ ୮୪ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟରେ ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ରେଜଲ୍ଟ ହୋଇ ଥିବା ବେଳେ ତନ୍ମଧ୍ୟରୁ ୬ ଜଣ ଛାତ୍ର ଛାତ୍ରୀ ୯୦ ପ୍ରତିଶତରୁ ଅଧିକ ନମ୍ବର, ୧୬ ଜଣ ୮୦ ପ୍ରତିଶତରୁ ଅଧିକ ନମ୍ବର ଓ ସମସ୍ତ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିଲେ।ଆୟୋଜିତ ଉତ୍ସବରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଦ୍ୟାଳୟ ରେ ଭଲ ରେଜଲ୍ଟ ହୋଇ ଥିବାରୁ ସମସ୍ତ ଗୁରୁଜୀ, ଗୁରୁମା ଓ ଅଭିଭାବକଙ୍କ ସମେତ ମେଧାବୀ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇବା ସହ ପୁରସ୍କାର ପ୍ରଦାନ କରି ସମ୍ମାନିତ କରିଥିଲେ। ବିଦ୍ୟାଳୟ ପ୍ରଧାନ ଆଚାର୍ଯ୍ୟ ଅବିନାଶ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରି ଥିବା ବେଳେ ସମସ୍ତ ଗୁରୁଜୀ, ଗୁରୁମା ଓ କର୍ମଚାରୀ ସହଯୋଗ କରିଥିବା ସହ ସମସ୍ତ ଛାତ୍ରଛାତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ।

## ୧୯୮୦ ମସିହା ବ୍ୟାଚ୍‌ର ବନ୍ଧୁମିଳନ

**କୁହୁଡ଼ି, ୨୪।୬ (ସମିସ):** ସୋରଣ ମା ଭଗବତୀ ମନ୍ଦିର ପ୍ରାଙ୍ଗଣରେ ରବିବାର ଦିନ ଜନତା ହାଇସ୍କୁଲ, କୁହୁଡି ର ୧୯୮୦ ମସିହାର ଅଧ୍ୟୟନ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶତ୍ରୁଘ୍ନ ପ୍ରଧାନ ଓ ମନ୍ମଥ କୁମାର ସିଂହଙ୍କ ତତ୍ତ୍ୱାବଧାନରେ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନିଜ ନିଜ ଭିତରେ ଭାଇଚାରା ଓ ସମାଜ ପାଇଁ କିଛି କାମ କରିବାର ସଂକଳ୍ପ କରିଥିଲେ। ସମସ୍ତେ ପୁରୁଣା ସ୍ମୃତିକୁ ମନପକାଇ ବା ସହିତ ଏକାଠି ହୋଇ ଏହିଭଳି ଆୟୋଜନ କରାଯିବ ବୋଲି କହିଛନ୍ତି। ଘନଶ୍ୟାମ ପାତ୍ର, ନିରୁପମା ମହାପାତ୍ର, ବିଜୟ ପାତାଳସିଂହ ଓ ପଞ୍ଚାନନ ସୁନ୍ଦରାୟ ପ୍ରମୁଖ ସହଯୋଗ କରିଥିଲେ।



### ମହାପ୍ରଭୁଙ୍କ ସେବାରେ ରାଉତପଡ଼ା ବୁଣାକାର

# ଗୀତଗୋବିନ୍ଦ ପାଟରେ ଝଲସିବେ ଚତୁର୍ଦ୍ଧା ମୂରତି

**ଖୋର୍ଦ୍ଧା, ୨୪।୬(ସମିସ)**





ଶ୍ରୀମନ୍ଦିରରେ ବାରମାସରେ ତେରଯାତ ଅନୁଷ୍ଠିତ ହୋଇଥାଏ। ଦୈନିକ ବିଭିନ୍ନ ରୀତିନୀତି ଏବଂ ପର୍ବପର୍ବାଣୀରେ ମହାପ୍ରଭୁଙ୍କ ବିଭିନ୍ନ ବେଶ ଧାରଣ କରନ୍ତି। ବର୍ଷସାରା ମହାପ୍ରଭୁଙ୍କ ବିଭିନ୍ନ ପର୍ବପର୍ବାଣୀ, ରଥଯାତ୍ରା ଲାଗି ମହାପ୍ରଭୁଙ୍କ ସୂତା ଓ ପାଟ ବସ୍ତ୍ର ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ରାଉତପଡ଼ାର ବୁଣାକାରମାନେ ଯୋଗାଇ ଆସୁଛନ୍ତି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂତା ଓ ପାଟବସ୍ତ୍ର ଲାଗି ତାଲିକା ପାଇବା ପରେ ବୁଣାକାରମାନେ କାର୍ଯ୍ୟରେ ଲାଗିପଡନ୍ତି। ପବିତ୍ର ଅକ୍ଷୟ ତୃତୀୟା ଠାରୁ କାମ ଆରମ୍ଭ କରନ୍ତି। ସ୍ନାନଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସମାପନ କରନ୍ତି। ପରେ ଏହି ପାଟବସ୍ତ୍ର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ପହଁଚାଇଥାନ୍ତି। ବର୍ତ୍ତମାନ ସୁଦ୍ଧା କିଛି ବସ୍ତ୍ର ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିବାବେଳେ ଅବଶିଷ୍ଟ ବସ୍ତ୍ରକୁ ଦୁଇଦିନ ମଧ୍ୟରେ ପହଞ୍ଚାଯିବ ବୋଲି ବରିଷ୍ଠ ବୁଣାକାର ଗୋପିନାଥ ଦାସ କହିଛନ୍ତି।

ରାଉତପଡ଼ା ଗ୍ରାମର ଅଧିକାଂଶ ପରିବାର ହେଉଛନ୍ତି ବୁଣାକାର। ବର୍ଷସାରା ଏଠି ତନ୍ତରେ ବିଭିନ୍ନ ପ୍ରକାର ଲୁଗା ଓ ପାଟବସ୍ତ୍ର ବୁଣନ୍ତି। ମହାପ୍ରଭୁଙ୍କ ଲାଗି ପାଟ ଓ ସୂତାଲୁଗା ଏଠାରୁ ଶ୍ରୀକ୍ଷେତ୍ରରୁ ଯାଉଥିବାରୁ ଏହି ଗ୍ରାମ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଆଜକୁ ପ୍ରାୟ ୩୦ବର୍ଷ ହେବ ରାଉତପଡ଼ାର ୨୨ ବୁଣାକାର ପରିବାର ପାରମ୍ପରିକଭାବେ ଜଗନ୍ନାଥଙ୍କ ସେବାରେ ନିଜକୁ ସମର୍ପଣ କରିଆସୁଛନ୍ତି। ଗୋପିନାଥ କୁହନ୍ତି ବାପା ମଧୁସୁଦନ ଗତ ୧୯୯୩ ମସିହାରେ ମହାପ୍ରଭୁଙ୍କ ଏହି ଅନନ୍ୟ ସେବା ପାଇବାର ସୁଯୋଗ ପାଇଥିଲେ। ତାପର ଠାରୁ କ୍ରମାଗତ ଭାବେ ମହାପ୍ରଭୁଙ୍କ ରଥଯାତ୍ରା ଓ ବର୍ଷସାରା ପର୍ବପର୍ବାଣୀ ଲାଗି ସୂତା ଲୁଗା ଓ ପାଟବସ୍ତ୍ର ଯୋଗାଇ ଆସୁଛନ୍ତି ଏହି ବୁଣାକାର ପରିବାର।

ଏହି ସେବାରେ ଗୋପିନାଥଙ୍କ ପରିବାର ସମେତ ଗ୍ରାମର ୨୨ ପରିବାରର ସଦସ୍ୟ ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ୧୯୯୬ ଓ ୨୦୧୫ ନବକଳେବର ଏବଂ ୨୦୨୦ ନାଗାର୍ଜୁନ ବେଶ ଲାଗି ସୂତା ଓ ପାଟବସ୍ତ୍ର ପଠାଇବାର ସୁଯୋଗ ପାଇଥିବା ସେ କହିଛନ୍ତି। ଏହି ସେବାରେ ଗୋପିନାଥଙ୍କ ୯୨ବର୍ଷିୟ ମା ଆସେଲି, ଭାଇ ଗୋବିନ୍ଦ, ରାମଚନ୍ଦ୍ର, ଭଗବାନ, କାର୍ତ୍ତିକେଶ୍ୱର ପାତ୍ର ପ୍ରମୁଖ ପରିବାର ମହାପ୍ରଭୁଙ୍କ ସେବାରେ ଲାଗିଛନ୍ତି। ମହାପ୍ରଭୁଙ୍କ କାର୍ଯ୍ୟରେ ଲାଗିଥିବାରୁ ଅପୂର୍ବ ଆନନ୍ଦ ମିଳେ ବୋଲି ଏମାନେ କୁହନ୍ତି।

ଚଳିତ ରଥଯାତ୍ରା ଲାଗି ଚେହେଲି ପାଟ, ବଡସିଂହାର ଲାଗି ଗୀତଗୋବିନ୍ଦ ପାଟ, ସୂତାରେ ପ୍ରସ୍ତୁତ ଦୁଇ ପ୍ରକାର ଘୋଡଣି, ଦେବସ୍ନାନ ପୂର୍ଣ୍ଣମୀ ୧୦୮ ଗରାବଡୁ ଜଳ ପାଇଁ ଗାମୁଛା, ମହାପ୍ରଭୁଙ୍କ ଗୁପ୍ତ ସେବା ଲାଗି ଲାଲ, ସବୁଜ ଓ ହଳଦିଆ ରଙ୍ଗର ଏକ ସେଟ ଲେଖାଏଁ ଚେହେଲି ପାଟ ପ୍ରସ୍ତୁତ ହୋଇଛି। ପ୍ରତିବର୍ଷ ରଙ୍ଗ ବେରଙ୍ଗର ଗୀତାଗୋବିନ୍ଦ ପାଟବସ୍ତ୍ର ବୁଣାକାରମାନେ ପଠାଇଥାନ୍ତି। ଏଥିସହିତ ସାତବାର ଲାଗି ୭ ପ୍ରକାର ଖଣ୍ଡୁଆ ପାଟ ପ୍ରସ୍ତୁତ କରି ପଠାଇଥାନ୍ତି। କିଛି ବସ୍ତ୍ର ସ୍ନାନପୂର୍ଣ୍ଣିମା ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନକୁ ପ୍ରଦାନ କରାଯାଇଥିବାବେଳ ରହି ଯାଇଥିବା ବସ୍ତ୍ର କୁ ୨ଦିନ ମଧ୍ୟରେ ପ୍ରଦାନ କରାଯିବ ବୋଲି ଗୋପିନାଥ ଦାସ କହିଛନ୍ତି।

## ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସ୍ମାରକୀ ପକ୍ଷରୁ ସ୍ୱାସ୍ଥ୍ୟ ଉଦ୍ୟାନ ଲୋକାର୍ପିତ

**ଖୋର୍ଦ୍ଧା, ୨୪।୬(ସମିସ):** ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ ନନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ଫାଉଣ୍ଡେସନ୍ ତରଫରୁ ନିଜସ୍ୱ ଉଦ୍ୟମରେ ଗ୍ରାମାଞ୍ଚଳରେ ସୁନ୍ଦର ସ୍ୱାସ୍ଥ୍ୟ ଉଦ୍ୟାନ ନିର୍ମାଣ କରାଯାଇ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ନନ୍ଦପୁର ଗ୍ରାମର ସ୍ୱନାମଧନ୍ୟ ଶିକ୍ଷକ ଓ ସମାଜସେବୀ ସ୍ୱର୍ଗତଃ ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜଙ୍କ ସ୍ମୃତି ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଉଦ୍ୟାନଟି ନିର୍ମାଣ କରାଯାଇଛି। ପୂର୍ଣ୍ଣଚନ୍ଦ୍ର ମଙ୍ଗରାଜ ସ୍ମାରକୀ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ଉଦ୍ୟାନ ନାମରେ ନାମିତ ଉଦ୍ୟାନକୁ ଏକ ସ୍ୱତନ୍ତ୍ର ଉତ୍ସବରେ ପୂଜ୍ୟପୂଜା ସଂସଦର ରାଜ୍ୟ ସଭାପତି କୃଷ୍ଣ ଜଗଦ୍ଦେବ, ଚଳଚ୍ଚିତ୍ର ଜଗତର ବରିଷ୍ଠ କଳାକାର ତଥା ପ୍ରସିଦ୍ଧ ଓଡ଼ିଶୀଗୁରୁ ସୁକାନ୍ତ କୁମାର କୁଣ୍ଡୁ, ନିର୍ଦ୍ଦେଶକ ଅଶ୍ରୁମୋଚନ ମହାନ୍ତି ଉଦ୍‌ଘାଟନ କରିଛନ୍ତି।



ସ୍ୱର୍ଗତଃ ମଙ୍ଗରାଜଙ୍କ ନବମ ପୂର୍ଣ୍ଣତିଥି ଅବସରରେ ଆୟୋଜିତ ଲୋକାର୍ପଣ ଉତ୍ସବ ସହିତ ସନ୍ଧ୍ୟାରେ ବାଜପୁର ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ଶିକ୍ଷକ ରବୀନ୍ଦ୍ର କୁମାର ପଟ୍ଟନାୟକଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଫାଉଣ୍ଡେସନର ସମ୍ପାଦକ ଶ୍ରୀରଞ୍ଜନ ମଙ୍ଗରାଜଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ ସଭାରେ ଐତିହାସିକ ରବୀନ୍ଦ୍ର ପରିଡ଼ା, ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ସମାଜସେବୀ ଭୁବନାନନ୍ଦ ତ୍ରିପାଠୀ, ବରିଷ୍ଠ ଅଧିବକ୍ତା ଶିବସୁନ୍ଦର ପଟ୍ଟନାୟକ, ଅଜିତ୍ କୁମାର ପଟ୍ଟନାୟକ, ବିଜେପି ଓବିସିମୋର୍ଚ୍ଚା ରାଜ୍ୟସଭାପତି ସୁରଥ ବିଶ୍ୱାଳ, ଜିଲ୍ଲାପରିଷଦ ପ୍ରଫୁଲ୍ଲ ଦଳାଇ, ସ୍ଥାନୀୟ ସରପଞ୍ଚ ବିପ୍ଳବ କେଶରୀ ବଳିୟାରସିଂହ ପ୍ରମୁଖ ଅତିଥିଭାବେ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତଃ ମଙ୍ଗରାଜଙ୍କ ବଡପୁତ୍ର ମାନସ ରଞ୍ଜନ ମଙ୍ଗରାଜ ଓ ପୁତ୍ରବଧୂ ଡଃ ଆଭାମୟୀ ନାୟକଙ୍କ ସହିତ ତାଙ୍କ ପରିବାରର ଅବଦାନ ଅବିସ୍ମରଣୀୟ ହୋଇ ରହିବ ବୋଲି ସମସ୍ତ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ମଧ ଜଟଣୀ ବ୍ଲକର ପଳାସପୁର ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ସର୍ବାଧିକ ନମ୍ବର ରଖି ଉତ୍ତିର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମେଧାବୃତ୍ତି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଏହି ଅବସରରେ ବାଜପୁର ଗାଁର ଶିକ୍ଷକ ଓ କଳାକାର କେଳୁଚରଣ ବେହେରାଙ୍କ ସଞ୍ଚାଳନାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ସ୍ୱାସ୍ଥ୍ୟ ଉଦ୍ୟାନ ନିର୍ମାଣରେ ପ୍ରମୁଖ ଭୂମିକା ନେଇଥିବା ରାଜମିସ୍ତ୍ରୀ ନିତ୍ୟାନନ୍ଦ ଦଳାଇ ଓ ତାଙ୍କର ସହଯୋଗୀ ତଥା ଉଦ୍ୟାନର ତତ୍ତ୍ୱାବଧାରକ ପଞ୍ଚାନନ ଦାସଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପାଚେରି ଭଙ୍ଗାକୁ କେନ୍ଦ୍ର କରି ଆକ୍ରମଣ, ୩ ଆହତ

**ଜଟଣୀ, ୨୪।୬(ସମିସ):** ଜଟଣୀ ଥାନା ରାମଚନ୍ଦ୍ରପୁରରେ ଜାଗାବାଡ଼ିକୁ କେନ୍ଦ୍ର କରି ଜଣେ ବ୍ୟକ୍ତିଙ୍କ ଘରର ପାଚେରି ଭାଙ୍ଗିବାକୁ ନେଇ ଆକ୍ରମଣ ହୋଇଛି। ଆକ୍ରମଣରେ ୩ଜଣ ଆହତ ହୋଇଛନ୍ତି। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ଜାଗାବାଡ଼ିକୁ କେନ୍ଦ୍ର କରି ଉଭୟ ଗୋଷ୍ଠୀ ମଧ୍ୟରେ ଅନେକ ଦିନ ହେଲାଣି ବିବାଦ ଲାଗି ରହିଥିଲା। ପୁଲିସ ଘଟଣାରେ ସମ୍ପୃକ୍ତ ଦୁର୍ବୃତ୍ତଙ୍କୁ ଗିରଫ କରିନଥିବା ଜଣାପଡ଼ିଛି। ଘଟଣାନୁଯାୟୀ, ବନମାଳି କଲୋନିରେ ଅଭିଯୋଗକାରୀ ଅକ୍ଷୟ କୁମାର ପୃଷ୍ଟିଙ୍କର ଘର ରହିଛି। ଜାଗାବାଡ଼ିକୁ କେନ୍ଦ୍ର କରି କଲୋନିର ରଘୁନାଥ ବଳବନ୍ତରାଏ ରବିବାର ଅପରାହ୍ନରେ କିଛି ଗୁଣ୍ଡା ଶ୍ରେଣୀୟ ଲୋକଙ୍କୁ ଆଣି ନିଜ ଜେସିବିରେ ତାଙ୍କ ପାଚେରି ଭାଙ୍ଗି ଘର ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ଶ୍ରୀ ପୃଷ୍ଟି ତାଙ୍କୁ ବିରୋଧ କରିବାରୁ ସେମାନେ ତାଙ୍କୁ ଲୁହା ରଡ୍‌ରେ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ହାତରେ ଆଘାତ ଲାଗିବାରୁ ଚିତ୍କାର କରିଥିଲେ। ଏହାପରେ ତାଙ୍କ ଭାଇ ଓ ପୁଅ ଆସି ସେମାନଙ୍କୁ ବୁଝାଇବାକୁ ଚେଷ୍ଟା କରୁଥିବା ବେଳେ ସେମାନେ ମଧ ଦୁର୍ବୃତ୍ତଙ୍କ ଆକ୍ରମଣରୁ ବର୍ତ୍ତି ନଥିଲେ। ରଡ୍ ମାଡ଼ରେ ଉଭୟ ଆହତ ହୋଇଥିଲେ ବୋଲି ଏତଲାରେ ଦର୍ଶାଯାଇଛି। ଅକ୍ଷୟଙ୍କ ପତ୍ନୀ ବାହାରକୁ ଆସିବାରୁ ତାଙ୍କୁ ମଧ ରଡ୍‌ରେ ଆକ୍ରମଣ କରିଥିଲେ ଏବଂ ସେ ସାମାନ୍ୟ ଆହତ ହୋଇଥିଲେ। ଆହାତ ମାନଙ୍କୁ ଉଦ୍ଧାର କରି ସ୍ଥାନୀୟ ପଡ଼ୋଶୀ ହସ୍ପିଟାଲ୍‌କୁ ନେଇଯାଇଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ତଦନ୍ତ ଆରମ୍ଭ କରିଥିବା ବେଳେ ସିସିଟିଭି କ୍ୟାମେରାରେ ପୁରା ଘଟଣା କଏଦ୍ ହୋଇଛି।

## ଖଣି ଲୁଟି ଚାଲିଛନ୍ତି ପଥର ମାଫିଆ

● **କାର୍ଯ୍ୟାନୁଷ୍ଠାନ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ**



**ବେଗୁନିଆ, ୨୪।୬(ସମିସ):** ବେଗୁନିଆ ବ୍ଲକ ଅନ୍ତର୍ଗତ ଗଡ଼ଗୁଡ୍ରୁମ ରାଜସ୍ୱ ଗ୍ରାମର ଫୁଲଛାଞ୍ଚୁଣି ମୌଜାରେ ଗତ କିଛି ବର୍ଷ ହେବ ନିଲାମ ଧାରୀ ଦିବାକର ବେହେରା କିଛି ସହଯୋଗୀ ମିଶି ପଥର ଖଣି ନିଲାମ ନେଇ ପଥର କାଟୁଥିଲେ। ଏହି ନିଲାମ ନେଇଥିବା ସ୍ଥାନରୁ ପଥର ଶେଷ ହୋଇ ଯିବାରୁ ମନମୁଖି ଭାବେ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲକୁ ସଫା କରି ପଥର କାଟି ଚାଲିଥିଲେ। ଯାହା ଫଳରେ ପରିବେଶ ପ୍ରଦୂଷିତ ହେଉଥିବାରୁ ଗ୍ରାମବାସୀ ଗତ ୧୬ ତାରିଖରେ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ଅଭିଯୋଗକ୍ରମେ ବେଗୁନିଆ ତହସିଲଦାର ତାପସ ବିଶି, ଖଣି ନିଗମ ଅଧିକାରୀ ଜଗନ ବେହେରା ଓ ସଦର ଥାନା ଅଧିକାରୀ କାହ୍ନୁ ଚରଣ ସ୍ୱାଇଁ ପ୍ରମୁଖ ଘଟଣା ସ୍ଥଳରେ ପହଁଞ୍ଚିଥିଲେ।ଏହି ନିଲାମ ଅଞ୍ଚଳକୁ ଡ୍ରୋନ ସାହାଯ୍ୟରେ ମାପ କରାଯାଇ ଜବରଦଖଲ ଥିବା ଅଞ୍ଚଳକୁ ୭ ଦିନ ମଧ୍ୟରେ ଛାଡିବା ପାଇଁ ନୀଲାମଧାରୀଙ୍କୁ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ। ଏହାସହ ନିଲାମ ଜମିକୁ ଛାଡ଼ି ଅନ୍ୟ ସ୍ଥାନରେ ୧୪୪ ଧାରା ଲାଗୁପାଇଁ ଖଣିନିଗମ ଅଧିକାରୀ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।ଏଠାରେ ଦେଖିବା କଥା ପ୍ରଶାସନ ଉପଯୁକ୍ତ ଭବେ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି କି ନାହିଁ ସଚେତନ ନାଗରିକମାନେ ଆଶା ବାନ୍ଧି ରହିଛନ୍ତି।

## କର୍କଟ ଆକ୍ରାନ୍ତ ମହିଳା ଜୀବନ ହାରିଲେ

**ଜଟଣୀ, ୨୪।୬(ସମିସ):** ଜଟଣୀ ଥାନା ଅନ୍ତର୍ଗତ ଲୋକୋ କଲୋନୀ ଅଞ୍ଚଳରେ ଜଣେ କର୍କଟ ଆକ୍ରାନ୍ତ ମହିଳା ଯନ୍ତ୍ରଣା ସହ୍ୟ କରିନ ପାରି କନିଆରୀ ଫଳ ଖାଇ ମୃତ୍ୟୁ ବରଣ କରିଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଜଟଣୀ ଲୋକ କଲୋନୀ ଅଞ୍ଚଳରେ ରହୁଥିବା ଗଦା ଦାସଙ୍କ ପତ୍ନୀ ଦୁଲା ଦାସ (୫୮) ଦୀର୍ଘ ଦିନ ଧରି କର୍କଟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ।

● **ସହିପାରିଲେନି ଯନ୍ତ୍ରଣା**

କାଳକ୍ରମେ ଦୁଲାଙ୍କ ରୋଗ ଜଟିଳ ହେବାରେ ଲାଗିଲା। ଦୁଲା ରୋଗକୁ ସହ୍ୟ କରି ନପାରି ବାରମ୍ବାର ଜୀବନ ହାରିଦେବେ ବୋଲି କହି ଆସୁଥିଲେ। ତେବେ ସୋମବାର ପରିବାର ଲୋକଙ୍କ ଅନୁପସ୍ଥିତିରେ ଦୁଲା ଘର ପାଖରେ ଥିବା କନିଆରି ଗଛର ଫଳ ଖାଇ ଚେତା ଶୂନ୍ୟ ହୋଇଯାଇଥିଲେ। ପରିବାର ଲୋକେ ଦୁଲାଙ୍କୁ ନିକଟସ୍ଥ ହସ୍ପିଟାଲ୍ ନେଇଥିଲେ। ମାତ୍ର ଅବସ୍ଥା ଗୁରୁତର ହେବାରୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲକୁ ନେଇଥିଲେ। ମାତ୍ର ଚିକିତ୍ସା ଧିନ ଅବସ୍ଥାରେ ଆଜି ତାଙ୍କର ମୃତ୍ୟୁ ହୋଇଥିବା ଦୁଲାଙ୍କ ସ୍ୱାମୀ ଗଦା ଜଟଣୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

### ଖୋର୍ଦ୍ଧା ବ୍ଲକରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ବିଧାୟକ

# ବୈଠକରେ ମାଲମାଲ ବିଜେପି ନେତାଙ୍କୁ ନେଇ ଚର୍ଚ୍ଚା

**ଖୋର୍ଦ୍ଧା, ୨୪।୬(ସମିସ)**



ନବନିର୍ବାଚିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ସୋମବାର ଅପରାହ୍ନରେ ଖୋର୍ଦ୍ଧା ବ୍ଲକରେ ବିଭିନ୍ନ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଛନ୍ତି। କିନ୍ତୁ ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା ଅନୁପସ୍ଥିତ ଥିବାବେଳେ ଜିଲ୍ଲାପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂହ, ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବିଡିଓ କ୍ଷୀରାବ୍ଧିତନୟା ସାହୁ ପ୍ରମୁଖ ଉପସ୍ଥିତ ରହି ବିଧାୟକଙ୍କୁ ସ୍ୱାଗତ କରିଥିଲେ। ବିଧାୟକ ଜଗଦ୍ଦେବ ବ୍ଲକ ରେ ପଡ଼ି ରହିଥିବା ଅନୁଦାନ ରାଶି, କେଉଁ ପ୍ରକଳ୍ପ କାର୍ଯ୍ୟକାରୀ ହୋଇ ପାରିନାହିଁ, ସମସ୍ତ ତଥ୍ୟ ପ୍ରଦାନ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସମସ୍ତ ପଞ୍ଚାୟତରେ କେଉଁ କେଉଁ କାମ କରାଯିବ ସରପଞ୍ଚମାନେ ତାଲିକା ପ୍ରସ୍ତୁତି କରନ୍ତୁ ଓ ଆଗାମୀ ଦିନରେ ଏହି ବ୍ଲକ ଏକ ଆଦର୍ଶ ବ୍ଲକ ଭାବେ ପରିଚିତ ହେବ ବୋଲି କହିଥିଲେ। ସମସ୍ତ ବ୍ଲକ କର୍ମଚାରୀମାନେ ନିର୍ବାଚିତ ପ୍ରତିନିଧିଙ୍କୁ ସମ୍ମାନ ଦେବା ସହ ସେମାନଙ୍କର ସମସ୍ୟାକୁ ସମାଧାନ କରିବା ପାଇଁ ଚେଷ୍ଟା କରିବାକୁ ପରାମର୍ଶ ଦେଇଥିଲେ।

ଅନ୍ୟପକ୍ଷରେ ସମୀକ୍ଷା ବୈଠକରେ ମାଳ ମାଳ ବିଜେପି ନେତା ବିଧାୟକଙ୍କ ସହ ସମ୍ମୁଖ ଚୌକିରେ ବସିଥିବା ଦେଖାଯାଇଥିଲା। ମାତ୍ର ବ୍ଲକ ଅଧ୍ୟକ୍ଷାଙ୍କ ଲାଗି ଚୌକି ରହିନଥିବା ଦେଖାଯାଇଥିଲା। ବିଧାୟକଙ୍କ ବାମ ପାର୍ଶ୍ୱରେ ବିଜେପି ନେତ୍ରୀ ବାସନ୍ତୀ ମହାପାତ୍ର ବସିଥିବାବେଳେ ଡାହାଣପାର୍ଶ୍ୱରେ ପୂର୍ବତନ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ବିଜେପି ପୂର୍ବତନ ଜିଲ୍ଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ ପ୍ରମୁଖ ବସିଥିଲେ। ସେହିପରି ସମ୍ମିଳନୀ କକ୍ଷ ମଧ୍ୟରେ ମାଳ ମାଳ ବିଜେପି ନେତା ଓ କର୍ମୀ ବସି ରହିଥିଲେ। ଯାହା ଉପସ୍ଥିତ ପଞ୍ଚାୟତ ପ୍ରତିନିଧିଙ୍କ ତୁଳନାରେ ଅଧିକ ବୋଲି କୁହାଯାଉଛି। ଏକ ସରକାରୀ କାର୍ଯ୍ୟାଳୟ ବୈଠକରେ ଦଳୀୟ କର୍ମୀଙ୍କ ପଶିବା ଘଟଣାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଥିବାବେଳେ ବ୍ଲକର କୌଣସି ପଦପଦବୀରେ ନଥିଲେ ମଧ ବିଜେପି ନେତା ଏଭଳି ବୈଠକରେ ବସି ପରାମର୍ଶ ବା ଆଦେଶ ଦେବା ଘଟଣାକୁ କେତେକ ନିର୍ବାଚିତ ପ୍ରତିନିଧି ନାପସନ୍ଦ କରିଛନ୍ତି। ଏକ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମୀକ୍ଷା ବୈଠକର ବିଜେପି ନେତାଙ୍କ ଯୋଗଦାନ ଘଟଣା ଗଣତନ୍ତ୍ର ପାଇଁ କେତେ ଶୁଭଙ୍କର ତାକୁ ନେଇ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି।

### ବିଧାୟକଙ୍କ ପ୍ରଥମ ସମୀକ୍ଷା ବୈଠକ

## ବିକାଶ ପାଇଁ ସହଯୋଗ ଲୋଡ଼ିଲେ

**ଟାଙ୍ଗୀ/କାଳୁପଡ଼ାଘାଟ, ୨୪।୬(ସମିସ):** ଟାଙ୍ଗୀ ବ୍ଲକ ସମ୍ମିଳନୀ କକ୍ଷରେ ନବ ନିର୍ବାଚିତ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ସହ ପୂର୍ବତନ ବିଧାୟକ ଜିତୁ ମିତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ବାସନ୍ତୀ ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଦଳାଇ, ବିଜେପି ପୂର୍ବତନ ଜିଲ୍ଲା ସଭାପତି ନିକୁଞ୍ଜ କିଶୋର ପଟ୍ଟନାୟକ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା କୁହୁଡି ଜୋନ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ଜେନା, ଟାଙ୍ଗୀ ଜୋନ ଜିଲ୍ଲାପରିଷଦ ସଭ୍ୟା ଅନସୂୟା ବେହେରା, ନିରାକାରପୁର ଜୋନ ଜିଲ୍ଲାପରିଷଦ ସଦସ୍ୟ ବିଜୟ କୁମାର ପାଲଟାସିଂହ, ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକ ପ୍ରଶାସନ ପକ୍ଷରୁ ନବ ନିର୍ବାଚିତ ବିଧାୟକଙ୍କୁ ସ୍ୱାଗତ କରି ସମ୍ମିଳନୀ କକ୍ଷକୁ ପାଛୋଟି ନେଇଥିଲେ। ଏହା ପରେ ଟାଙ୍ଗୀ ବ୍ଲକର ତହସିଲଦାର ମିତାଲୀ ପାତ୍ର, ବିଭିନ୍ନ ବିଭାଗର ଅଧିକାରୀଙ୍କ ଉପସ୍ଥିତିରେ ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବିଭିନ୍ନ ଜନହିତକର କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଧାୟକ ଶ୍ରୀ ଜଗଦ୍ଦେବ ତାଙ୍କ ବକ୍ତବ୍ୟରେ ବିକାଶର କୌଣସି ଦଳ ନାହିଁ ତେଣୁ ଟାଙ୍ଗୀ ବ୍ଲକର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଖର୍ଚ୍ଚ ନ ହୋଇ ପଡ଼ି ରହିଥିବା ୪୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ତୁରନ୍ତ ବ୍ୟୟ ଅଟକଳ ପ୍ରସ୍ତୁତ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଟାଙ୍ଗୀ ବ୍ଲକ ଅଧିନସ୍ଥ ୨୬ ପଞ୍ଚାୟତ ସରପଞ୍ଚ ସମିତି ସଭ୍ୟ, ଜିଲ୍ଲା ପରିଷଦ ସଭ୍ୟ ଓ ସଭ୍ୟା, ବିଡିଓଙ୍କ ଅନୁପସ୍ଥିତ ଯୋଗୁଁ ବିଡ଼ିଓ ଦାୟିତ୍ୱରେ ଥିବା ଟାଙ୍ଗୀ ତହସିଲଦାର ମିତାଲି ପାତ୍ର ଙ୍କ ସମେତ ସମସ୍ତ ସମ୍ପ୍ରସାରଣ ଅଧିକାରୀମାନେ ଉପସ୍ଥିତ ଥିଲେ।



